

"କଙ୍ଗ୍ନାଙ୍କ ସହ ମୋର ତିକ୍ତ ସମ୍ପର୍କ ଥିଲେ ହେଁ ଆମେ କେବେ ବାହାରେ ଭେଟହେଲେ ବିନମ୍ରତାର ସହ କଥା ହେଉ, ଶୁଭେଚ୍ଛା ଜଣାଉ। ଜଣେ ଫିଲ୍ମ ନିର୍ମାତା ଭାବେ କଙ୍ଗନାଙ୍କ ପ୍ରତିଭା, କ୍ରାଫ୍ଟରକୁ ମୁଁ ସମ୍ମାନ କରେ। ନିଜକୁ ପ୍ରମାଣିତ କରିପାରିଥିବା ଅଭିନେତ୍ରୀମାନଙ୍କ ମଧ୍ୟରୁ ସେ ଜଣେ। ସେ ପଦ୍ମଶ୍ରୀ ପାଇବା ସମ୍ମାନର କଥା।

- କରନ ଜୋହର, ଫିଲ୍ମ ନିର୍ମାତା

# ମେହରରେ ମାଗିଲେ ୮୦ ଖଣ୍ଡ ବହି

**କୋଲ୍ଲମ:** ବାହାଘର ପୂର୍ବରୁ ଝିଅ ଯାହା ଦାବି କରେ, ତାହାକୁ ବର ପୂରଣ କରିବାକୁ ବାଧ୍ୟ। ନଚେତ୍ ବାହାଘର ହୋଇପାରେନି। ମୁସଲମାନ ସମ୍ପ୍ରଦାୟର ଏଭଳି ବିଧି ରହିଛି, ଯାହାକୁ 'ମେହର' ବୋଲି କୁହାଯାଏ। ଯଦି 'ମେହର' ପୂରା ନ ହୁଏ, ତେବେ କାଜି ବି ବାହାଘର କରାନ୍ତି ନାହିଁ। ବର ଓ କନ୍ୟା ଘରର ଆର୍ଥିକ ପରିସ୍ଥିତିକୁ ଆଖିରେ ରଖି କନ୍ୟା ମେହର ଦାବି କରନ୍ତି। ମେହର ଆକାରରେ କନ୍ୟା କାର୍, ଘର, ଗହଣା ଆଦି ଦାବି କରିପାରିବେ। ଦେଇଛନ୍ତି। ଏଥିରେ ଗୀତା, ବାଇବେଲ୍ ଓ କୋରାନ୍ ଆଦି ଧର୍ମଗ୍ରନ୍ଥ ଏବଂ ଅନ୍ୟାନ୍ୟ ବହି ରହିଛି। କେବଳ ଏତିକି ନୁହେଁ ଇଜାଜ୍ ନିଜ ବେଡରୁମ୍‌ରେ ଅଜନାଙ୍କ ପାଇଁ ଏକ ବୁକ୍ ସେଲ୍ଫ ମଧ୍ୟ ତିଆରି କରିଛନ୍ତି, ଯେଉଁଥିରେ ବିଭିନ୍ନ ପ୍ରକାରର ବହି ରଖାଯାଇଛି। କେରଳରେ ମୁସଲମାନ୍ ମହିଳା ବାହାଘର ବେଳେ ବହି ମାଗିବା, ଏହା ପ୍ରଥମ ଘଟଣା ନୁହେଁ। ୨୦୧୬ରେ ବାହାଘର ବେଳେ କନ୍ୟା ସାହଲା ନିଚିଲ ମେହରରେ ୫୦ ଖଣ୍ଡ ବହି ମାଗିଥିଲେ।



## ସୋସିଆଲ ମିଡିଆରେ ଅଜନା ନାଜିମଙ୍କ ଚର୍ଚ୍ଚା

ତେବେ କେରଳର କୋଲ୍ଲମ ଜିଲା ନୀଲାମେଲର ଅଧିବାସୀ ଅଜନା ନାଜିମ ବାହାଘର ବେଳେ ମାଗିଥିବା ମେହରକୁ ନେଇ ଏବେ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚା ହେଉଛି। ଗତ ଅକ୍ଟୋବର ୨୯ରେ ଅଜନାଙ୍କର ସଫ୍ଟୱେର ଇଞ୍ଜିନିୟର ଇଜାଜ୍ ହାକିମ୍‌ଙ୍କ ସହ ନିର୍ବନ୍ଧ ହୋଇଥିଲା। ଏହି ସମୟରେ ଅଜନା ୮୦ ଖଣ୍ଡ ବହି ମେହର ଭାବେ ଦାବି କରିଥିଲେ। ଏଥିସହ ସମସ୍ତ ବହି ଖାଲିଦ୍ ହୁସେନ୍, ହୁରୁକି ମୁରାକମୀ ଓ ବାରାକ୍ ଓବାମାଙ୍କ ଭଳି ବ୍ୟକ୍ତି ବିଶେଷଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକ ହୋଇଥିବ ବୋଲି ଅଜନା କହିଥିଲେ। ହେଲେ ବାହାଘର ବେଳେ ଇଜାଜ୍ ତାଙ୍କୁ ୯୬ ଖଣ୍ଡ ବହି

# ସାମାଜିକ ବାସନ୍ଦ ନୁହେଁ, ସହଯୋଗ ଲୋଡ଼ା

## ବିଶ୍ୱ କୁଷ୍ଠ ନିବାରଣ ଦିବସ



ବିଶ୍ୱରେ କୁଷ୍ଠରୋଗ ସମ୍ପର୍କରେ ସଚେତନତା ସୃଷ୍ଟିକରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ୩୦ ଜାନୁୟାରୀରେ ବିଶ୍ୱ କୁଷ୍ଠ ନିବାରଣ ଦିବସ ପାଳନ କରାଯାଉଛି। । ଏହି ଦିବସରେ ଗାନ୍ଧିଜୀଙ୍କୁ ମଧ୍ୟ ସ୍ମରଣ କରାଯାଏ। ଗାନ୍ଧିଜୀ ଏହି ରୋଗକୁ ଭଲ ଭାବେ ବୁଝିଥିଲେ ଓ ରୋଗୀଙ୍କ ସେବା ବି କରୁଥିଲେ। ବିଶ୍ୱରେ ସବୁଠୁ ପୁରୁଣା ରୋଗ ହେଉଛି କୁଷ୍ଠରୋଗ। ପୂର୍ବେ ଏହାର ଚିକିତ୍ସା ପଦ୍ଧତି ବାହାରି ନଥିବାବେଳେ ଲୋକମାନେ ସାମାଜିକ ବାସନ୍ଦର ଶିକାର ହୋଇ ଘରଛାଡି ବାହାରେ ରହିବାକୁ ବାଧ୍ୟ ହେଉଥିଲେ। ଆମ ଦେଶରେ ଏହାକୁ 'ବଡ ରୋଗ' ବୋଲି ଲୋକେ କହନ୍ତି। ଏହାକୁ ଅଭିଶାପର ଫଳ ଓ କଳଙ୍କ ବୋଲି ମନେକରନ୍ତି। କେବଳ ଭାରତ ନୁହେଁ ବିଶ୍ୱର ବହୁ ଦେଶରେ ଏହି ରୋଗ ଏକ କଳଙ୍କ ନୁହେଁ ବୋଲି ଲୋକମାନଙ୍କୁ ଅବଗତ କରାଯାଇ ରୋଗାକ୍ରାନ୍ତ ବ୍ୟକ୍ତି ଘର ଓ ସମାଜରେ ଯେମିତି ବାସନ୍ଦ ନ ହୁଅନ୍ତି ତା' ଉପରେ ଏହି ଦିବସରେ ଜୋର ଦିଆଯାଇଥାଏ। କୁଷ୍ଠକୁ ନେଇ ବସାବାନ୍ଧିଥିବା ଭ୍ରମ ଧାରଣା ଦୂର କରିବାରେ ଏହି ଦିବସ ଅନେକ ସଫଳତା ପାଇଛି। ବିଶ୍ୱକୁ ସମ୍ପୂର୍ଣ୍ଣ କୁଷ୍ଠମୁକ୍ତ କରିବା ଲକ୍ଷ୍ୟରେ ବର୍ତ୍ତମାନ ବିଶ୍ୱର ୧୦୦ଟିରୁ ଊର୍ଦ୍ଧ୍ୱ ଦେଶରେ ଏହା ପାଳନ କରାଯାଉଛି। ଷାଠିଏ ଦଶକର ଆରମ୍ଭରେ ଏହି ରୋଗ ଲାଗି ପ୍ରଥମେ ଔଷଧ ଆବିଷ୍କାର ହେବା ପରେ ମଲ୍ଟି ଡ୍ରଗ ଥେରାପୀ(ଏମ୍‌ଡିଟି) ଚିକିତ୍ସାରେ ବ୍ୟବହାର କରାଯାଇଥିଲା। ୧୯୮୧ରେ ଏହାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ସ୍ୱୀକୃତି ଦେବା ପରେ ଏହି ରୋଗକୁ ନିୟନ୍ତ୍ରଣ କରିବା ସହଜ ହୋଇଛି। ୧୯୮୫ରୁ ଡବ୍ଲ୍ୟୁଏଚଓ ଏମ୍‌ଡିଟି ମାଗଣାରେ ଯୋଗାଇ ଦେଉଛି। ତଥାପି ୨୦୧୮ରେ ୧୫୯ଟି ଦେଶରେ ୨୦୮୬୧୯ ଜଣ ନୂଆ ରୋଗୀ ସାମ୍ନାକୁ ଆସିଥିଲେ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରକାଶ କରାଯାଇଛି। ଏହି ଦିବସ ଅବସରରେ କୁଷ୍ଠରୋଗଗ୍ରସ୍ତଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ଲାଗି ଜୋର୍ ଦିଆଯାଏ। ସରକାରୀ ସଂସ୍ଥା ବ୍ୟତୀତ ବେସରକାରୀ ସଂଗଠନ ଓ ସାମାଜିକ କର୍ମୀମାନେ ଲୋକମାନଙ୍କଠାରୁ ସାହାଯ୍ୟ ସଂଗ୍ରହ କରି କୁଷ୍ଠରୋଗୀମାନଙ୍କ ଲାଗି ଫଣ୍ଡ୍ ବୃଦ୍ଧି କରିଥାନ୍ତି। ଅନେକ ବର୍ଷ ଧରି ଦାରିଦ୍ର୍ୟ ଓ କୁଷ୍ଠରୋଗ ମଧ୍ୟରେ ସମ୍ବନ୍ଧ ରହିଥିବା ଲକ୍ଷ୍ୟ କରାଯାଇଛି। ଦେଖାଯାଇଛି ଆର୍ଥିକସ୍ତରରେ ଦୁର୍ବଳ ଲୋକମାନେ ବେଶି କୁଷ୍ଠରୋଗଗ୍ରସ୍ତ ହୋଇଥାନ୍ତି। ସାମାଜିକ ବାସନ୍ଦ ନୁହେଁ, ବରଂ ସେମାନଙ୍କୁ ସବୁ ସ୍ତରରୁ ସହଯୋଗ ଦରକାର। ଏଣୁ କୁଷ୍ଠରୋଗରେ ଆକ୍ରାନ୍ତ ଗରିବଙ୍କ ଅଭାବ ଦୂର କରିବା ଲାଗି ଏହି ଦିବସ ମଧ୍ୟ ଗୁରୁତ୍ୱ ଦେଇଥାଏ।

# କଫି ବର୍ଜ୍ୟରୁ ତିଆରି ହେଲା ସନ୍‌ଗ୍ଲାସ୍

**କିଭ୍:** ପ୍ଲାଷ୍ଟିକ୍‌ର ବ୍ୟବହାର ରୋକିବା ପାଇଁ ୟୁକ୍ରେନ୍‌ର କଫି କମ୍ପାନୀ ପକ୍ଷରୁ ଏକ ନିଆରା ସନ୍‌ଗ୍ଲାସ୍ ତିଆରି କରାଯାଇଛି। ଏହା କଫି ବର୍ଜ୍ୟରୁ ପ୍ରସ୍ତୁତ ହୋଇଛି। ଏହାକୁ ପିନ୍ଧିଲେ କଫିର ବାସ୍ନା ଆସିବ ବୋଲି କମ୍ପାନୀ କହିଛି।



ଏହାକୁ କଫି ସନ୍‌ଗ୍ଲାସ୍ ଭାବେ ନାମିତ କରାଯାଇଛି। ଏଠାକାର ଔଚିସ୍ କଫି ବ୍ରାଣ୍ଡ୍ ପକ୍ଷରୁ ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ ଲାଗି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। କମ୍ପାନୀ ପକ୍ଷରୁ ପ୍ରସ୍ତୁତ ହୋଇଥିବା ସନ୍‌ଗ୍ଲାସ୍‌କୁ ଔଚିସ୍ ଆଇ ୱେର ବ୍ରାଣ୍ଡରେ ଅନ୍ତର୍ଭୁକ୍ତ କରାଯାଇଛି। ଏହା ଏବେ ଅନ୍‌ଲାଇନ୍‌ରେ ୭୮ ଡଲାରରେ ଉପଲବ୍ଧ ହେଉଛି। ୩୦୦ ସନ୍‌ଗ୍ଲାସ୍ ଡିଜାଇନିଂ ନମୂନାକୁ ମନା କରାଯିବା ପରେ ଶେଷରେ ଏହାକୁ ଗ୍ରହଣ କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏହାର ଫ୍ରେମ୍ ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବ। ଇତିମଧ୍ୟରେ କମ୍ପାନୀ ୫୦୦ ସନ୍‌ଗ୍ଲାସ୍ ବିକ୍ରି କରିସାରିଛି।

# ଲଣ୍ଡନ ରାସ୍ତାରେ ନୋରାଙ୍କ ଡ୍ୟାନ୍ସ



ନୋରା ଫତେହି

**ମୁମ୍ବାଇ:** ଫ୍ୟାନ୍‌ମାନଙ୍କୁ କିଭଳି ଏଣ୍ଟରଟେନ୍ କରିବାକୁ ହୁଏ ସେ କଳା ନୋରା ଫତେହିଙ୍କୁ ଭଲ ଭାବେ ଜଣା। ଆକର୍ଷଣୀୟ ବ୍ୟକ୍ତିତ୍ୱ ସାଙ୍ଗକୁ ଉଚ୍ଚକୋଟୀର ନୃତ୍ୟରେ ସେ ଫ୍ୟାନ୍‌ମାନଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିସାରିଲେଣି। ଏହାସହ ସୋସିଆଲ ମିଡିଆରେ ମଧ୍ୟ ନୋରାଙ୍କ ଲକ୍ଷ ଲକ୍ଷ ଫ୍ୟାନ୍, ଫଲୋଅର୍ସ ରହିଛନ୍ତି, ଯେଉଁମାନେ ତାଙ୍କ କୌଣସି ଅପ୍‌ଡେଟ୍‌କୁ ଲାଇକ୍, ଶେୟାର ଓ କମେଣ୍ଟ କରିବାକୁ ଭୁଲନ୍ତି ନାହିଁ। ନିକଟରେ ନୋରାଙ୍କ 'ଷ୍ଟ୍ରିଟ୍ ଡ୍ୟାନ୍ସର ୩ଡି' ରିଲିଜ୍ ହୋଇଯାଇଛି। ପ୍ରତିଥର ଭଳି ଏହି ଫିଲ୍ମରେ ମଧ୍ୟ ତାଙ୍କ ଡ୍ୟାନ୍ସକୁ ଲୋକେ ମନଖୋଲି ପ୍ରଶଂସା କରୁଛନ୍ତି। ନୋରାଙ୍କ ଡ୍ୟାନ୍ସ ଷ୍ଟାଇଲ୍‌ରେ ଅଛି ଯାଦୁ, ଯାହାକୁ ଦେଖିଲେ ଯେ କେହି ବି ତାଙ୍କ ପ୍ରେମରେ ପଡ଼ିଯିବ। ଏବେ ପୁଣି ତାଙ୍କର ଏକ ଡ୍ୟାନ୍ସ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଭିଡିଓରେ ଲଣ୍ଡନର ରାସ୍ତାକଡ଼ରେ ନୋରା ସଲ୍‌ମାନ ୟୁସୁଫ୍ ଖାନ୍‌ଙ୍କ ସହ ଡ୍ୟାନ୍ସ କରୁଥିବା ଦେଖିବାକୁ ମିଳିଛି। ଉଭୟେ ବେଶ୍ ଏନର୍ଜେଟିକ୍ ଓ ଫ୍ରି ଦେଖାଯାଉଛନ୍ତି। ସେମାନେ ଏକ ଇଣ୍ଟରନ୍ୟାଶନାଲ୍ ଗୀତରେ ନାଚୁଛନ୍ତି। ରାସ୍ତାରେ ଯାଉଥିବା ଲୋକ ଏମାନଙ୍କ ଡ୍ୟାନ୍ସର ମଜା ଉଠାଉଛନ୍ତି। ତେବେ ନାଚୁ ନାଚୁ ନୋରାଙ୍କ ଜୋତାର ଫିତା ବାହାରିଯାଇଛି। ଭିଡିଓ ଶେଷରେ ସଲ୍‌ମାନ ନୋରାଙ୍କ ଜୋତାର ଫିତା ବାନ୍ଧିଦେଇଥିବା ଦେଖିବାକୁ ମିଳିଛି, ଯାହାକୁ ଲୋକେ ଖୁବ୍ ତାରିଫ୍ କରୁଛନ୍ତି। ଭିଡିଓଟି ନିଜ ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲ୍‌ରେ ଶେୟାର କରି ନୋରା ଲେଖିଛନ୍ତି, "ସଲ୍‌ମାନଙ୍କ ସହ ଡ୍ୟାନ୍ସ ଷ୍ଟେପ୍ ମ୍ୟାଚ୍ କରିବାକୁ ଚେଷ୍ଟା କରୁଛି।" ପ୍ରକୃତରେ ନୋରାଙ୍କ ଏହି ଡ୍ୟାନ୍ସ ଭିଡିଓଟି ଏକ ପୁରୁଣା ଭିଡିଓ। ଫିଲ୍ମ 'ଷ୍ଟ୍ରିଟ୍ ଡ୍ୟାନ୍ସର ୩ଡି'ର ଲଣ୍ଡନ ଶୁଟିଂ ସେଡ୍ୟୁଲ୍ ସମୟରେ ଏହା ରେକର୍ଡ କରାଯାଇଥିଲା। ଏହି ଫିଲ୍ମର ନିର୍ଦ୍ଦେଶନା ରେମୋ ଡି'ସୁଜା ଦେଇଥିବାବେଳେ ବରୁଣ ଧାୱନ, ଶ୍ରଦ୍ଧା କପୁର, ପ୍ରଭୁଦେବା ଓ ନୋରା ମୁଖ୍ୟ ଭୂମିକାରେ ନଜରକୁ ଆସିଛନ୍ତି। ଅନ୍ୟପଟେ 'ଭୁଜ୍: ଦି ପ୍ରାଇଡ୍ ଅଫ୍ ଇଣ୍ଡିଆ' ଏବଂ 'ବାଗୀ-୩' ଫିଲ୍ମରେ ମଧ୍ୟ ନୋରାଙ୍କୁ ଦେଖିବାକୁ ମିଳିବ।

# ଶ୍ରଦ୍ଧାଞ୍ଜଳି ଓ ସଂକଳ୍ପର ଦିନଟିଏ

ପ୍ରତିବର୍ଷ ୩୦ ଜାନୁୟାରୀରେ ଭାରତରେ ଶହୀଦ ଦିବସ ପାଳନ କରାଯାଏ। ଜାତିର ପିତା ତଥା ଅହିଂସା ପୂଜାରୀ ମହାତ୍ମା ଗାନ୍ଧୀଙ୍କ ପୁଣ୍ୟତିଥିକୁ ଶହୀଦ ଦିବସ ଭାବେ ପାଳନ କରଯାଉଛି। ୩୦ ଜାନୁୟାରୀ, ୧୯୪୮ରେ ମହାତ୍ମା ଗାନ୍ଧୀଙ୍କୁ ବିର୍ଲା ହାଉସ୍‌ର ପ୍ରାର୍ଥନାସଭାରେ ନାଥୁରାମ ଗଡ୍‌ସେ ଗୁଳିକରି ହତ୍ୟା କରିବା ପରେ ଗାନ୍ଧିଜୀଙ୍କ ଜୀବନଦୀପ ଲିଭିଯାଇଥିଲେ ବି ତାଙ୍କ ଅହିଂସାଦୀପ ସରା ବିଶ୍ୱକୁ ଆଲୋକିତ କରିଆସୁଛି। ଶହୀଦ ଦିବସରେ ଦେଶ ଲାଗି ନିଜ ଜୀବନକୁ ଉତ୍ସର୍ଗ କରିଥିବା ମହାତ୍ମାଙ୍କ ସମେତ ବହୁ ବୀର ଶହୀଦ ସଂଗ୍ରାମୀଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥାଏ।

## ଶହୀଦ ଦିବସ

ଏହି ଅବସରରେ ଦେଶର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଓ ଶ୍ରଦ୍ଧାଞ୍ଜଳି ସଭାମାନ ଆୟୋଜନ କରାଯାଇଥାଏ। ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷାମନ୍ତ୍ରୀ ଓ ତିନି ସେନାର ମୁଖ୍ୟ ରାଜଘାଟସ୍ଥିତ ଗାନ୍ଧିଜୀଙ୍କ ସମାଧିପୀଠରେ ଶ୍ରଦ୍ଧାଞ୍ଜଳି ଦେଇଥାନ୍ତି। ବିଶ୍ୱରେ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ଶହୀଦ ଦିବସ ପାଳନ କରୁଥିବା ୧୫ଟି ରାଷ୍ଟ୍ର ମଧ୍ୟରେ ଭାରତ ଅନ୍ୟତମ। ଏହାର କାରଣ, ଇଂରେଜଙ୍କ ବିରୋଧରେ ସଂଗ୍ରାମ କରି ଆମ ଦେଶକୁ ସ୍ୱାଧୀନତା ଦେଇଥିବା ବୀର ସଂଗ୍ରାମୀଙ୍କ ତ୍ୟାଗକୁ ଆମେ କେବେ ବି ଭୁଲିପାରିନୁ କି ଭୁଲି ପାରିବୁନାହିଁ। ଗାନ୍ଧିଜୀ ଶାନ୍ତି ଓ ଅହିଂସା ମାର୍ଗରେ ସ୍ୱାଧୀନତା ସଂଗ୍ରାମୀଙ୍କୁ ଉଦ୍‌ବୁଦ୍ଧ କରିଥିଲେ।




ସଂଗ୍ରାମୀଙ୍କ ଅତୁଟ ମନୋବଳ ଓ ଅହିଂସାର ଆୟୁଧ ସମ୍ମୁଖରେ ଇଂରେଜ ବେଶି ଦିନ ତିଷ୍ଠିପାରି ନ ଥିଲେ। ସେମାନେ ଦେଶ ଛାଡି ଯିବାକୁ ବାଧ୍ୟ ହୋଇଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମରେ ଗାନ୍ଧିଜୀଙ୍କ ସହ ଖାସ ଦେଇଥିବା ପ୍ରତ୍ୟେକ ବୀର ସଂଗ୍ରାମୀଙ୍କୁ ଆଜି ଦିନରେ ସ୍ମରଣ କରି ସେମାନେ ସ୍ୱାଧୀନ ଭାରତ ପାଇଁ ଦେଖିଥିବା ସ୍ୱପ୍ନକୁ ଆଗକୁ ନେବା ଲାଗି ପ୍ରେରଣା ଦେଇଥାଏ ଏହି ଦିବସ। ଦେଶର ପ୍ରଗତି ପାଇଁ ଲଢେଇ ଜାରି ରଖିବା ପାଇଁ ଏହା ସଂକଳ୍ପର ଦିନଟିଏ।

# ସ୍ପେସ୍ ହୋମ ଦେବ ସୁଖଦ ଅନୁଭୂତି

**ନ୍ୟୁୟର୍କ:** ବିଶ୍ୱବ୍ରହ୍ମାଣ୍ଡର ପର୍ଯ୍ୟଟନ ମାନଚିତ୍ରରେ ଯୋଡ଼ି ହେବ ମହାକାଶ। ଅର୍ଥାତ୍ ଜଣେ ଚାହିଁଲେ ମହକାଶକୁ ଯାଇପାରିବ। ସେଠାରୁ ଉପଭୋଗ କରିପାରିବ ପୃଥିବୀର ମନୋରମ ଦୃଶ୍ୟ। ହଁ ଏକଥା ସତ ଯେ, କେବଳ ଦୁଃସାହସିକ କାର୍ଯ୍ୟ ଏବଂ ମହାକାଶ ଉପରେ ରୁଚି ରଖୁଥିବା ବ୍ୟକ୍ତିମାନେ ଏହାର ଆନନ୍ଦ ଉଠାଇପାରିବେ। ପୃଥିବୀର କକ୍ଷଠାରୁ ଦୂରରେ ରହି ସବୁଜ ଗ୍ରହକୁ ଦେଖିବାର ମଜା ନେବାକୁ ପକେଟ୍‌ରୁ ଖର୍ଚ୍ଚ ହୋଇପାରେ ମୋଟା ରକମର ଅର୍ଥ। ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନାସା ଖୁବ୍‌ଶୀଘ୍ର ପର୍ଯ୍ୟଟକଙ୍କୁ ଏପରି ସୁଯୋଗ ଯୋଗାଇଦେବାକୁ ଉଦ୍ୟମ ଚଳାଇଛି, ଯାହାର ନାମ ରଖାଯାଇଛି 'ସ୍ପେଶ ହୋମ୍'। ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ (ଆଇଏସ୍‌ଏସ୍)ରେ ନାସା ପକ୍ଷରୁ ନିର୍ମାଣ କରାଯାଉଛି ଏକ ଅତ୍ୟାଧୁନିକ ମୋଡ୍ୟୁଲ୍। ଏହାକୁ ସାକାର ରୂପ ଦେବାକୁ ଟେକ୍ସାସ ବେସ୍‌ଡ୍ ଷ୍ଟାର୍ଟଅପ୍ କମ୍ପାନୀ 'ଏକ୍‌ଜିୟମ ସ୍ପେସ୍' ସହିତ ଆଲୋଚନା ସରିଛି। ଯଦି ସବୁକିଛି ଠିକ୍‌ଠାକ୍ ଚାଲେ ତେବେ ୨୦୨୪ ସୁଦ୍ଧା ମହାକାଶ ପର୍ଯ୍ୟଟନର ମଜା ନେଇପାରିବେ ପର୍ଯ୍ୟଟକ। ଏପରି ମୋଡ୍ୟୁଲ ଏବଂ ପ୍ରକଳ୍ପ ପ୍ରସ୍ତୁତ କରିବା ପଛର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ବ୍ୟବସାୟିକ ଅଗ୍ରଗତି। ପ୍ରକଳ୍ପ କାର୍ଯ୍ୟକାରୀ ହେବା ଆଗରୁ ଏକ୍‌ଜିୟମ ସ୍ପେସ୍ ପକ୍ଷରୁ ଏହାର କନ୍‌ସେପ୍ଟ ଫଟୋ ରିଲିଜ କରାଯାଇଛି। ପ୍ରସ୍ତାବିତ ପ୍ରକଳ୍ପ ସମ୍ପର୍କରେ ନାସା ପକ୍ଷରୁ କୁହାଯାଇଛି, ନୋଡ୍ ମୋଡ୍ୟୁଲ, ରିସର୍ଚ୍ଚ ଆଣ୍ଡ ମାନୁଫ୍ୟାକ୍‌ଚରିଂ ଫେକଲଟି, ଲାର୍ଜ ୱିଣ୍ଡୋ ଆର୍ଥ ଅବ୍‌ଜର୍‌ଭେଟିରି ଏବଂ କ୍ରୁ ହେବିଟାଟ୍ ୟୁନିଟ୍‌କୁ ନେଇ ମୋଡ୍ୟୁଲ୍ ପ୍ରସ୍ତୁତ କରାଯିବ। ଏହି ସେଗ୍‌ମେଣ୍ଟ ସହଜରେ ଆଇଏସ୍‌ଏସ୍ ସହିତ ଯୋଡ଼ି ହୋଇପାରିବ। ଆବଶ୍ୟକ ସମୟରେ ଏହାକୁ ପୃଥକ୍ ବି କରାଯାଇପାରିବ। ଗତବର୍ଷ ଏହି ପ୍ରକଳ୍ପର ରୂପରେଖ ପ୍ରସ୍ତୁତ କରାଯାଇଥିଲା। ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାକୁ ୨-୩ ବର୍ଷ ଲାଗିଯାଇପାରେ ବୋଲି ନାସା ପକ୍ଷରୁ ସୂଚନା ଦିଆଯାଇଛି।

ଏହି ମୋଡ୍ୟୁଲ୍ ମହାକାଶରେ ଅଦ୍ୟାବଧି କରାଯାଇଥିବା ସବୁଠାରୁ ବଡ଼ ନିର୍ମାଣ। ଏଥିରେ ସଂଲଗ୍ନ କ୍ରୁ କ୍ୱାର୍ଟର୍ସ ପର୍ଯ୍ୟଟକଙ୍କ ସୁଖଦ ଅନୁଭୂତି ଦେବ। ଏହି କ୍ୱାର୍ଟର୍ସର ଭିତର ପାର୍ଶ୍ୱ କାନ୍ଥ ଗଦିରେ ନିର୍ମିତ। ଏଠାରେ ୱାଇ ଫାଇ, ଏଲ୍‌ଇଡି, ମିରର ଏବଂ ଗ୍ଲାସ୍ ୱିଣ୍ଡୋ ସୁବିଧା ରହିବ। ଜିରୋ ଗ୍ରାଭିଟିରେ ସହଜରେ ସଞ୍ଚାଳନ ପାଇଁ କ୍ରୁକ୍ୱାର୍ଟର୍ସର ବିଭିନ୍ନ ସ୍ଥାନରେ ରେଲିଂ ଲଗାଯାଇଛି। ମୋଡ୍ୟୁଲ୍‌ର ନିମ୍ନଭାଗରେ ୩୬୦ ଡିଗ୍ରୀ ଆର୍ଥ ଅବ୍‌ଜର୍‌ଭେଟିରି ୱିଣ୍ଡୋ ରହିବ।



## ପର୍ଯ୍ୟଟନ ମାନଚିତ୍ରରେ ଯୋଡ଼ିହେବ ମହାକାଶ

ଏହାର ସହାୟତାରେ ଜଣେ ପର୍ଯ୍ୟଟକ ପୃଥିବୀର ୩୬୦ ଡିଗ୍ରୀ ଭ୍ୟୁ ଦେଖିପାରିବେ। ଏପରି ନିଆରା ଯୋଜନା ମହାକାଶ ପର୍ଯ୍ୟଟନକୁ ନୂଆ ଦିଗ ଦେଖାଇଥିବା ନାସା ପକ୍ଷରୁ ଦାବି କରାଯାଇଛି।

# ମାତ୍ର ୭୮ ଟଙ୍କାରେ ମିଳିବ ଘର

**ସିସିଲି:** ମାତ୍ର ୭୮ ଟଙ୍କାରେ ଘର ମିଳୁଥିବା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବେ। ତେବେ ଏହା ସତ। ଦକ୍ଷିଣ ଇଟାଲୀର ଟୋରୋଣ୍ଟୋ ସହରରେ ୨୫ ହଜାର ଘର ଏହି ଦାମ୍‌ରେ ବିକ୍ରି କରାଯିବ। ପ୍ରଥମେ ପରୀକ୍ଷାମୂଳକ ଭାବେ ୫ଟି ଘର ବିକ୍ରି କରିବାକୁ ସହର ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ୧୯ ଶତାବ୍ଦୀର ଏହି ବନ୍ଦର ସହରରେ ପୂର୍ବରୁ ପ୍ରାୟ ୪୦ ହଜାର ଲୋକ ବାସ କରୁଥିଲେ। ମାତ୍ର ଏବେ ସହରର ଜନସଂଖ୍ୟା ୩ ହଜାରରେ ପହଞ୍ଚିଛି। କମ୍ ଦାମ୍‌ରେ ଲୋକଙ୍କୁ ଘର ଯୋଗାଇ ଦିଆଯାଇ ଏଠାକାର ଜନସଂଖ୍ୟା ବଢ଼ାଇବାକୁ ସରକାର ଯୋଜନା କରିଛନ୍ତି। ପ୍ରଥମେ ସରକାରଙ୍କ ପକ୍ଷରୁ ଏଭଳି ଯୋଜନା ୨୦୧୧ରେ ଅଣାଯାଇଥିଲା। ସେତେବେଳେ ୭୮ ଟଙ୍କାଦାମରେଏଠାକାର୧୫୦ରୁଅଧିକବିଲ୍ଡିଂକୁବିକ୍ରିକରାଯାଇଥିଲା।ସେହିପରି୨୦୧୯ରେସିସିଲିର ବିୱାନା, ସାମ୍ବୁକା ଏବଂ ମୁସୋମେଲୀ ଗାଁରେ ଏଭଳି ଅଫର୍ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଦିଆଯାଇଛି।



## ସଂକ୍ଷେପରେ

### ଯୁବକଙ୍କୁ ମାଡ଼ ମାରି ଜଣେ ଗିରଫ

ବଇଣ୍ଡା, ୨୯।୧(ଡି.ଏନ.ଏ.)- କିଶୋରନଗର ବ୍ଲକ ହଣ୍ଡପା ଥାନା ଲୁହାମୁଣ୍ଡା ଗ୍ରାମର ସନକ କୁମାର ପ୍ରଧାନଙ୍କୁ ସେହି ଗ୍ରାମର ବିନୟବନ୍ଧୁ ଦେହୁରୀ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ପୋଲିସ ନଂ. ୧୬/୧୦ରେ ମାମଲା ରୁଜୁ କରିବା ସହ ବିନୟବନ୍ଧୁଙ୍କୁ ଗିରଫ କରିଛି। ପୋଲିସ କହିଛି, ସନକ ଓ ବିନୟଙ୍କ ମଧରେ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ସୋମବାର ବିନୟ ଘରକୁ ଯାଉଥିବାବେଳେ ସନକ ତାଙ୍କୁ ଅଟକାଇ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି।

### ୫ ବଖରା ଜଳିଗଲା

ବଇଣ୍ଡା, ୨୯।୧(ଡି.ଏନ.ଏ.)- କିଶୋରନଗର ବ୍ଲକ ଉରୁକୁନା ଗ୍ରାମରେ ବୁଧବାର ଅଗ୍ନିକାଣ୍ଡ ଘଟି କୁମୁଦିନୀ ଦେହୁରୀଙ୍କ ୩ ବଖରା ଓ ନବ କିଶୋର ବାରିକଙ୍କ ୨ ବଖରା ଜଳିଯାଇଛି। ଘଟଣାରୁ ଜଣାପଡିଛି, ଗ୍ରାମରେ ଏକ ବାହାଘର ଶୋଭଯାତ୍ରାରେ ବାଣ ଫୁଟାଯାଉଥିବାବେଳେ ନିଆଁ ଘର ଉପରେ ପଡିଥିଲା। ଖବରପାଇ ବାମୁର ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ସ୍ଥିତି, ଚିକିତ୍ସା ନେଇ ସମୀକ୍ଷା

## ସ୍ୱର୍ଣ୍ଣ କୁଷ୍ଠ ସଚେତନତା ଅଭିଯାନ ସମ୍ପର୍କରେ ସମନ୍ୱୟ କମିଟି ବୈଠକ



ଅତିରିକ୍ତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ଚାଲିଛି।

**ଅନୁଗୋଳ ଅଫିସ୍, ୨୯।୧**

ମହାତ୍ମା ଗାନ୍ଧୀଙ୍କ କୁଷ୍ଠ ମୁକ୍ତ ସମାଜ ଗଠନକୁ ଦୃଷ୍ଟିରେ ରଖି ଗୁରୁବାର ତାଙ୍କର ମହାପ୍ରୟାଣ ଦିବସ (ଶହୀଦ ଦିବସ) ଅବସରରେ ସାରା ରାଜ୍ୟରେ ଆରମ୍ଭ ହେଉଛି ସ୍ୱର୍ଣ୍ଣ କୁଷ୍ଠ ସଚେତନତା ଅଭିଯାନ। ଏହି ଅଭିଯାନର ସଫଳ କାର୍ଯ୍ୟକାରିତାକୁ ନେଇ ବୁଧବାର ପୂର୍ବାହ୍ନରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାରେ କୁଷ୍ଠ ରୋଗର ସ୍ଥିତି ଓ ଏହାର ଚିକିତ୍ସା ବ୍ୟବସ୍ଥାକୁ ନେଇ ଅତିରିକ୍ତ ଜିଲାପାଳ ସମୀକ୍ଷା କରିଥିଲେ।

କୁଷ୍ଠ ରୋଗ ପ୍ରତି ସମାଜରେ ଥିବା କୁସଂସ୍କାର ବିରୋଧରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ଆଶା ଓ ଅଙ୍ଗନୱାଡ଼ି କର୍ମୀମାନଙ୍କ ଦ୍ୱାରା ଘରକୁ ଘର ବୁଲି ସଚେତନ କରିବା, ରୋଗ ନିର୍ଣ୍ଣୟ କରିବା ଉପରେ ଅତିରିକ୍ତ ଜିଲାପାଳ ବୈଠକରେ ଗୁରୁତ୍ୱାରୋପ କରିଥିଲେ। ଠିକ୍ ଭାବେ ରୋଗ ଚିହ୍ନଟ ପାଇଁ ଦେହରେ ଥିବା ଛଉ ଓ ଚିହ୍ନଗୁଡ଼ିକ ସମ୍ପର୍କରେ ସନ୍ଦେହ ଜାତ ହେଲେ ତୁରନ୍ତ ଡାକ୍ତରଙ୍କୁ ଦେଖାଇବା ନିମନ୍ତେ ଲୋକମାନଙ୍କୁ ପ୍ରବର୍ତ୍ତାଇବାକୁ ସେ ପରାମର୍ଶ ଦେଇଥିଲେ। ନୂତନ ଭାବେ ଚିହ୍ନଟ ହୋଇଥିବା ୨୩୬ ଜଣ ରୋଗୀଙ୍କୁ ଏମ୍‌ଡିଟି ପଦ୍ଧତିରେ ମାଗଣା ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ଏହି ରୋଗରେ ବିକଳାଙ୍ଗ ହେଉଥିବା ବ୍ୟକ୍ତିଙ୍କୁ ସରକାରୀ ଯୋଜନାରେ ସାମିଲ କରି ଭତ୍ତା ପ୍ରଦାନ ସହ ଆବଶ୍ୟକ ସ୍ଥଳେ ମାଗଣାରେ ଅସ୍ତ୍ରୋପଚାର କରାଯାଉଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଳୟର ଜିଲା କୁଷ୍ଠ ରୋଗ ପରାମର୍ଶଦାତା ଡା. ନିରୋଜ କୁମାର ଶତପଥୀ ସୂଚନା ଦେଇଥିଲେ। ଗୁରୁବାର ଠାରୁ ଗ୍ରାମସଭା ବୈଠକ ଗୁଡ଼ିକରେ ସଚେତନତା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ସ୍ଥିର କରାଯିବ। ସ୍କୁଲ ପିଲାଙ୍କ ମଧ୍ୟରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯିବା ସହ ଗାନ୍ଧିଜୀଙ୍କ କୁଷ୍ଠମୁକ୍ତ ସମାଜ ଗଠନକୁ ନେଇ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ଏହାଛଡ଼ା କୁଷ୍ଠ ରୋଗୀଙ୍କୁ ସାମାଜିକ ବାସନ୍ଦ ଭଳି କୁସଂସ୍କାର ବିରୁଦ୍ଧରେ ସଚେତନତା ସୃଷ୍ଟି କରାଯିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଳୟର ସଂକ୍ରାମକ ରୋଗ ବିଜ୍ଞାନୀ ଡାକ୍ତର ବିନୋଦ କୁମାର ସାହୁଙ୍କ ସମେତ ସ୍ୱାସ୍ଥ୍ୟକର୍ମୀ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ସିଏଏକୁ ପ୍ରତ୍ୟାଖ୍ୟାନ ପାଇଁ ଯୁବ କଂଗ୍ରେସର ଦାବି



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ଯୁବ କଂଗ୍ରେସ କର୍ମକର୍ତ୍ତା।

**ଅନୁଗୋଳ ଅଫିସ୍, ୨୯।୧**

ଅନୁଗୋଳ ଯୁବ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଲୁଟୁ ରଞ୍ଜନ ଥାପାଙ୍କ ନେତୃତ୍ୱରେ ବୁଧବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଅଖିଳ ଭାରତୀୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ତଥା ଓଡ଼ିଶା ଯୁବ କଂଗ୍ରେସ ପ୍ରଭାରୀ ପ୍ରତିଭା ରଘୁବଂଶୀ, ରାଜ୍ୟ ଯୁବ କଂଗ୍ରେସ ସଭାପତି ଲୋକନାଥ ମହାରଥୀ, ସାଧାରଣ ସମ୍ପାଦକ ବିମଳ ବେହେରା ପ୍ରମୁଖ ଯୋଗଦେଇ ସିଏଏକୁ ତୁରନ୍ତ ପ୍ରତ୍ୟାହାର ପାଇଁ ଦାବି କରିଥିଲେ। ଏଥିସହ ଦରଦାମ୍ ବୃଦ୍ଧି, ବେକାରୀ ସମସ୍ୟା, ଅର୍ଥନୀତି ଦୁର୍ବଳ ଆଦି ପ୍ରସଙ୍ଗକୁ ନେଇ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ। ଜିଲା ଛାତ୍ର କଂଗ୍ରେସ ସଭାପତି ଲୁଲୁ ରଞ୍ଜନ ପାଣିଗ୍ରାହୀ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ପ୍ରଦ୍ୟୁମ୍ନ ସାହୁ, ପୂର୍ବତନ ଯୁବ କଂଗ୍ରେସ ସଭାପତି ବାପୁନ ପ୍ରଧାନ, ରାକେଶ ସାମଲ, ସଂଗ୍ରାମ ବେହେରା, ଝସକେତନ ସ୍ୱାଇଁ, ତୁଷାରକାନ୍ତ ପ୍ରଧାନ, ମାନସ ସାହୁ, ମାନସ ବିଶ୍ୱାଳ, ଦିବ୍ୟପ୍ରସାଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସମୀର ମେମୋରିଆଲ କ୍ରିକେଟ:ଗିରାଙ୍ଗ ଚାମ୍ପିୟନ



**ବଅଁରପାଳ, ୨୯।୧(ଡି.ଏନ.ଏ.)**

ବଅଁରପାଳ ବ୍ଲକ ଗିରାଙ୍ଗଠାରେ ସମୀର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଗିରାଙ୍ଗ ଓ ସନ୍ତପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗିରାଙ୍ଗ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୧୦୯ ରନ କରିଥିଲା। ଜବାବରେ ସନ୍ତପଡା ୯୮ ରନ୍ କରି ପରାସ୍ତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଯୁବନେତା ଅରୁନଭ ସିଂ ମୁଖ୍ୟଅତିଥି, ଗିରାଙ୍ଗ ସରପଞ୍ଚ ସୁଜାତା ଦେହୁରୀ, ଗଗନ ବିହାରୀ ସାମଲ, କୁନା ଗଡନାୟକ, ଆଇନଜୀବୀ କାଳୀଚରଣ ଚରଣ କର, ସୁସେନ ଗଡ଼ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ଆୟୋଜକ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ମନ ମୋହିଲା ବାଉଁଶରାଣୀ, କଣ୍ଢେଇନାଚ

## ବ୍ଲକସ୍ତରୀୟ ଲୋକକଳା ମହୋତ୍ସବ



**କଣିହାଁ, ୨୯।୧(ଡି.ଏନ.ଏ.)**

କଣିହାଁ ବ୍ଲକ ଗାନ୍ଧୀ ସ୍ମୃତିପୀଠଠାରେ ବୁଧବାର ବ୍ଲକସ୍ତରୀୟ ଲୋକକଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଳା ସଂସ୍କୃତି ସଂଘ ତରଫରୁ ଆୟୋଜିତ, ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଅନୁଗୋଳ ସୌଜନ୍ୟ ତଥା ବ୍ଲକ କଳାକାର ସାମ୍ମୁଖ୍ୟ ସଙ୍ଗଠନ ସହଯୋଗରେ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ନମିତା ସାହୁ, ଏବିଡିଓ ବିଜୟ କୁମାର ମେହେର, ଆକାଉଣ୍ଟାଣ୍ଟ ବିଭୁ ପ୍ରସାଦ ମିଶ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଜାତା ନାୟକ, ମୁଖ୍ୟବକ୍ତା ଭାବେ ରାଜ୍ୟ ରିସୋର୍ସ ପର୍ସନ, ଜିଲା କଳାକାର ସାମ୍ମୁଖ୍ୟ ସଭାପତି ତଥା ବ୍ଲକ ସଂସ୍କୃତି ସଙ୍ଗଠନ ଉପସଭାପତି ନବଘନ ସାମଲ ଯୋଗ ଦେଇଥିଲେ। ବ୍ଲକର ବିଭିନ୍ନ ଗ୍ରାମରୁ ୮୧ ଦଳ ଏଥିରେ ଭାଗ ନେଇ ଲୋକକଳା ପ୍ରଦର୍ଶନ କରିଥିଲେ। ବହୁ ସଂଖ୍ୟାରେ ମହିଳା ନାମ ସଂକୀର୍ତ୍ତନ, ଓଡ଼ିଶୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। ବିଶେଷ କରି ପାଇକ ସମର କଳା, ବାଉଁଶରାଣୀ ଖେଳ, ଘୁଡୁକି, ଘୋଡାନାଚ, କଣ୍ଢେଇ ନାଚ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ଷ୍ଟେଟ ରିସୋର୍ସ ପର୍ସନ ସାମଲ କଳାକାରଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଯୋଜନା ଉପରେ ଆଲୋକପାତ କରିବା ସହ ବୁଡ଼ି ଯାଉଥିବା ଲୋକକଳାକୁ ପୁନର୍ଜୀବିତ କରିବା ଦିଗରେ ପ୍ରଚେଷ୍ଟା ଜାରି ରହିବ ବୋଲି କହିଥିଲେ। ବିଚାରକ ଭାବେ ଶିକ୍ଷାବିତ୍ ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ମାୟାଧର ସାମଲ, ମଦନମୋହନ ସାହୁ, ଗଦାଧର ସାହୁ, ଚିନ୍ମୟ ସାମଲ ଉପସ୍ଥିତ ଥିଲେ। ଜିଲା ମହୋତ୍ସବରେ ଭାଗ ନେବାକୁ ବାଲିପଶି ପଞ୍ଚାୟତ ସଂସାମରା ଗ୍ରାମର କଣ୍ଢେଇନାଚ ଓ ବାଉଁଶରାଣୀ ଖେଳକୁ ମନୋନୀତ କରାଯାଇଥିଲା। ଉତ୍ସବ ପରିଚାଳନାରେ ବ୍ଲକ କର୍ମଚାରୀ, କଳାକାର ସଂଘର ବିପିନ ବିହାରୀ ପଟ୍ଟନାୟକ, ଶାନ୍ତିଲତା ଦାସ, ଜ୍ୟୋତିର୍ମୟୀ ସାହୁ, ରୀନା ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଭାଗ ନେଇଥିବା ସମସ୍ତ ଦଳକୁ ଆଗାମୀ ଦିନରେ ମାନପତ୍ର ପ୍ରଦାନ କରାଯିବ ବୋଲି ଆୟୋଜକଙ୍କ ତରଫରୁ ସୂଚନା ଦିଆଯାଇଛି।

### ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ, ବସ୍ କଣ୍ଡକ୍ଟର ଗିରଫ

**ପାଲଲହଡ଼ା, ୨୯।୧(ଡି.ଏନ.ଏ.)**

ଜଣେ ସ୍କୁଲ ଫେରନ୍ତା ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ବସ୍ କଣ୍ଡକ୍ଟର ତଥା ସେହି ବସ୍ ମାଲିକଙ୍କ ପୁଅଙ୍କୁ ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ଢେଙ୍କାନାଳ ଜିଲାର ଅଜିତ କୁମାର ସାହୁ। ପୋଲିସ ସୂତ୍ରରୁ ପ୍ରକାଶ, ଖମାର ଥାନା ଅଞ୍ଚଳର ଜଣେ ଛାତ୍ରୀ ମଙ୍ଗଳବାର ସମ୍ପୃକ୍ତ ବସ୍‌ରେ ଘରକୁ ଫେରୁଥିବାବେଳେ ଅଜିତ ତାଙ୍କୁ ଅସଦାଚରଣ କରିଥିଲେ। ଛାତ୍ରୀ ଜଣକ ଘରେ ଏ ବିଷୟରେ ଜଣାଇବା ପରେ ବୁଧବାର ପରିବାର ଲୋକେ ଖମାର ଥାନାରେ ଅଭିଯୋଗ କରିଥିଲେ। ନଂ. ୨୨/୨୦, ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରାଯିବା ସହ ଅଜିତଙ୍କୁ ଗିରଫ କରାଯାଇଥିବା ଉପଖଣ୍ଡ ଥାନା ଅଧିକାରୀ ଯଶୋବନ୍ତ ସାମଲ ସୂଚନା ଦେଇଛନ୍ତି।

# ହାତୀ ନଷ୍ଟ କଲା ରବି ଫସଲ

**ପବିତ୍ରନଗର, ୨୯।୧(ଡି.ଏନ.ଏ.)**

ଅନୁଗୋଳ ଜିଲା ତାଳଚେର ରେଞ୍ଜ ଶିପୁର ସେକ୍ସନର ବିଭିନ୍ନ ଗ୍ରାମରେ କିଛି ଦିନ ହେବ ହାତୀ ଉପଦ୍ରବ ଲାଗି ରହିଛି। ହାତୀପଲ ରବି ଫସଲ ଖାଇ ନଷ୍ଟ କରୁଥିବାବେଳେ ସଂଧ୍ୟା ହେଲେ ଭୟରେ ରାସ୍ତାରେ ଯାତାୟାତ ଠପ୍ ହୋଇଯାଉଛି। ପ୍ରାୟ ସପ୍ତାହେ ହେବ ଗହମ, ବିରୁ ଅଞ୍ଚଳରେ ହାତୀପଲଙ୍କ ଏହି ଉପଦ୍ରବ ଯୋଗୁ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଗତ ସଂଧ୍ୟାରେ ବିରୁ ଗ୍ରାମର ଯଯାତି ଦେହୁରୀଙ୍କ ଆଳୁ ଫସଲକୁ ହାତୀପଲ ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଛନ୍ତି। ସେହିପରି ଗହମ ଗ୍ରାମ ନୂଆଁସାହିରେ ଅନେକ ଲୋକଙ୍କର ଫସଲ ନଷ୍ଟ କରିଛନ୍ତି। ବନ ବିଭାଗ ତୁରନ୍ତ ହାତୀପଲଙ୍କୁ ଘଉଡ଼ାଇବା ସହ କ୍ଷତିପୂରଣ ପ୍ରଦାନ ପାଇଁ ଚାଷୀମାନେ ଦାବି କରିଛନ୍ତି।

# ଜଙ୍ଗଲ ସୀମା ବିବାଦର ସମାଧାନ

**ଛେଣ୍ଡିପଦା, ୨୯।୧(ସ୍ୱ.ପ୍ର.)**



ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ଶିମିଳିପାଳ ବିଟ୍ ଅଧୀନ ଦେବୀନଗର ପାହାଡକୁ ଲାଗିଥିବା ଜଙ୍ଗଲର ସୀମା ବିବାଦ ଦୀର୍ଘ ୨୦ ବର୍ଷ ପରେ ସମାଧାନ ହୋଇଛି। ବନ ବିଭାଗ ସୂତ୍ରରୁ ପ୍ରକାଶ, ଶିମିଳିପାଳ ବିଟ୍ ଅଧୀନ ବାଗଡିଆ, ପାତ୍ରପଡା, ଶିମିଳିପାଳ ଗ୍ରାମବାସୀଙ୍କ ମଧ୍ୟରେ ଜଙ୍ଗଲ ସୀମାକୁ ନେଇ ବିବାଦ ଲାଗି ରହିଥିଲା। ଛେଣ୍ଡିପଦା ରେଞ୍ଜର ମନମୋହନ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ୩ ଗ୍ରାମର ମୁଖିଆ, ସରପଞ୍ଚ, ଗ୍ରାମ ସଭାପତି ଓ ସମ୍ପାଦକଙ୍କୁ ନେଇ ବୁଧବାର ବୈଠକ ବସିଥିଲା। ଏହି ବୈଠକ ପରେ ଉଭୟ କମିଟି ଓ ବନ ବିଭାଗ ଜଙ୍ଗଲର ସୀମା ନିର୍ଦ୍ଧାରଣ ପାଇଁ ଜିପିଏସ ରିଡିଂ ମାଧ୍ୟମରେ ଚିହ୍ନଟ କରିଥିଲେ। ଚିହ୍ନଟ ବେଳେ ଫରେଷ୍ଟର କଳାକାର ପ୍ରଧାନ, ପାତ୍ରପଡା ସରପଞ୍ଚ ଯୋଗେଶ୍ୱର ସାହୁ, ରମେଶ ଚନ୍ଦ୍ର ସାହୁ, ବାଗଡିଆ ଗ୍ରାମ ସଭାପତି ବିଜୟ କୁମାର ପ୍ରଧାନ, ଲୋକନାଥ ବେହେରା, ବନ ସଂରକ୍ଷଣ ସମିତିର କର୍ମକର୍ତ୍ତାଙ୍କ ସମେତ ୩ ଗ୍ରାମର ବାସିନ୍ଦା ଉପସ୍ଥିତ ଥିଲେ।

### କାଠ ବୋଝେଇ ପିକଅପ ଜବତ, ୨ ଗିରଫ

**କଣିହାଁ, ୨୯।୧(ଡି.ଏନ.ଏ.)**

କଣିହାଁ ବନାଞ୍ଚଳ ଅଞ୍ଚଳରେ ବନ ବିଭାଗ କର୍ମଚାରୀ ପାଟ୍ରୋଲିଂ କରୁଥିବାବେଳେ ସୋମବାର ଏକ ଚୋରା କାଠ ବୋଝେଇ ପିକଅପ ଭ୍ୟାନ ଜବତ କରିଛନ୍ତି। ଘଟଣାରେ ସାନତ୍ରିବିଡ଼ା ଗ୍ରାମର ସୌଭାଗ୍ୟ ଭୂତିଆ ଓ ନୀଳମଣି ଭୂତିଆଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଅନ୍ୟ ୨ ଜଣ ଫେରାର ଅଛନ୍ତି। କଣିହାଁ ଫରେଷ୍ଟ ଆକ୍ଟ ୨୦୧୯/୨୦ରେ ମାମଲା ରୁଜୁ କରାଯାଇଥିବା ବନାଞ୍ଚଳ ଅଧିକାରୀ ନୀଳମଣି ଦେହୁରି ସୂଚନା ଦେଇଛନ୍ତି।

# ଶିଳ୍ପୋଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ

**ବଇଣ୍ଡା, ୨୯।୧(ଡି.ଏନ.ଏ.)**



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

କିଶୋରନଗର ବ୍ଲକ ବଇଣ୍ଡା ଜନତା କଲେଜ ପରିସରରେ ସୋମବାର ଜିଲା ଶିଳ୍ପ ତାଲିମ କେନ୍ଦ୍ର ଆନୁକୂଲ୍ୟରେ ଶିଳ୍ପୋଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସିଦ୍ଧାର୍ଥ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ମୁଖ୍ୟଅତିଥି ଭାବେ ଜିଲା ଶିଳ୍ପକେନ୍ଦ୍ରର ଜେନେରାଲ ମ୍ୟାନେଜର ଗଗନ ବିହାରୀ ନାୟକ ଯୋଗଦେଇ ଛାତ୍ରୀଛାତ୍ରମାନେ କିଭଳି ନିଜେ ସ୍ୱାବଲମ୍ବୀ ହେବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ସରକାର ବିଭିନ୍ନ ଯୋଜନାରେ ଋଣ ଯୋଗାଇ ଦେଉଛନ୍ତି। ଋଣ ନେଇ କାର୍ଯ୍ୟରେ ଲଗାଇ ରୋଜଗାରକ୍ଷମ ହେବାକୁ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଅନ୍ୟତମ ଅତିଥି ଭାବେ ସୁବ୍ରତ କୁମାର ପଟ୍ଟନାୟକ ଯୋଗଦେଇଥିବାବେଳେ ପ୍ରଧ୍ୟାପକ କାଳନ୍ଦି ଚରଣ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଦୁଇଦିନିଆ ଦୀପଶିଖା ମହୋତ୍ସବ ଉଦ୍‌ଯାପିତ

**ତାଳଚେର, ୨୯।୧(ନି.ପ୍ର.)**



ଅତିଥିମାନେ କେକ୍ କାଟି ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

ଏନ୍‌ଟିପିସି କଣିହାଁରେ ତନଭି ସଙ୍ଗମର ବାର୍ଷିକ ଉତ୍ସବ ଦୀପଶିଖା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଏହି ମହୋତ୍ସବର ସ୍ଲୋଗାନ ଥିଲା 'ଗୋ ଗ୍ରୀନ୍'। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏନ୍‌ଟିପିସି ଇଷ୍ଟର୍ନ ରିଜିୟନ୍-୨ର ରିଜିଓନାଲ ଏକଜିକ୍ୟୁଟିଭ ଡାଇରେକ୍ଟର ସଞ୍ଜୀବ କିଶୋର ଏବଂ ବସୁଧା ମହିଳା ମଣ୍ଡଳର ଅଧ୍ୟକ୍ଷା ମୋନିକା କିଶୋର, ସମ୍ମାନିତ ଅତିଥିଭାବେ ଏନ୍‌ଟିପିସି କଣିହାଁର ସିଜିଏମ୍ ସୁଦୀପ ନାଗ, ତନଭି ସଙ୍ଗମର ଅଧ୍ୟକ୍ଷା ଜୟନ୍ତୀ ନାଗ ପ୍ରମୁଖ ଯୋଗଦେଇଥିଲେ। ଇଷ୍ଟର୍ନ ରିଜିୟନ୍-୨ର ଅନ୍ୟ ପଦାଧିକାରୀ ଏବଂ ମହିଳା କ୍ଲବର ସଦସ୍ୟାମାନେ ଉପସ୍ଥିତ ଥିଲେ। ଅନୁଷ୍ଠାନ ପକ୍ଷରୁ ପାରମ୍ପରିକ ଭାବେ ଅଂଶଗ୍ରହଣ କରିଥିବା ଆଦିବାସୀ ନୃତ୍ୟ ଦଳର କଳାକାରମାନଙ୍କୁ ଶୀତକାଳୀନ ବସ୍ତ୍ର ପ୍ରଦାନ କରାଯାଇଥିଲା। ସେହିପରି ତନଭି ସଙ୍ଗମ ଦ୍ୱାରା ପରିଚାଳିତ ଶିଶୁ ସାକ୍ଷରତା ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ସାଇକେଲ ପ୍ରଦାନ କରାଯାଇଥିଲା। ବିଭିନ୍ନ ପ୍ରଦର୍ଶନୀ ଷ୍ଟଲକୁ ଅତିଥିମାନେ ବୁଲି ଦେଖିବା ସହ ରୁଚିକର ଖାଦ୍ୟର ମଜା ଉଠାଇଥିଲେ। ଅଟୋ ମୋବାଇଲ, ହସ୍ତତନ୍ତ, ମସଲା, ଇଲେକ୍ଟ୍ରୋନିକ୍ସ ଏବଂ ପୋଷାକ ସମ୍ବନ୍ଧୀୟ ପ୍ରାୟ ୬୦ଟି ଷ୍ଟଲ ମେଳାରେ ଖୋଲିଥିଲା। ସେହିପରି ପ୍ରକଳ୍ପର ସିଏସ୍‌ଆର୍ ଜନିତ କାର୍ଯ୍ୟକ୍ରମ ଏବଂ ତନଭି ସଙ୍ଗମର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଏକ ଷ୍ଟଲ ଖୋଲାଯାଇ ଲୋକମାନଙ୍କୁ ସୂଚିତ କରାଯାଇଥିଲା। ଏନଟିପିସି କର୍ମଚାରୀଙ୍କ ସମେତ ସେମାନଙ୍କ ପରିବାରବର୍ଗ ଏବଂ ସ୍ଥାନୀୟ ଗ୍ରାମବାସୀ ମହୋତ୍ସବରେ ସାମିଲ ହୋଇଥିଲେ। ଉଦ୍‌ଯାପନୀ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଲକି ଡ୍ର ମଧ୍ୟ ଆୟୋଜିତ ହୋଇଥିଲା।

# ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ଉପରେ ଆଲୋକପାତ

## ବିଦ୍ୟାଳୟରେ ଆଇନ ସଚେତନତା କାର୍ଯ୍ୟକ୍ରମ

**ଅନୁଗୋଳ ଅଫିସ୍, ୨୯।୧**




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ବିଚାରପତି ଓ ଆଇନଜୀବୀ।

ଅନୁଗୋଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ନାଗରିକଙ୍କ ସାମ୍ବିଧାନିକ ଅଧିକାର ଓ ମୌଳିକ କର୍ତ୍ତବ୍ୟ ସମ୍ପର୍କରେ ଅମରବାଣୀ କନଭେଟ୍ ବିଦ୍ୟାଳୟ ତୁରଙ୍ଗଠାରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଅଶାନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏହା ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲା ଓ ଦୌରାଜଜ୍ ପ୍ରଭାକର ଗଣ୍ଡିଆ ଓ ସୌମ୍ୟକ ପାତ୍ର, ବରିଷ୍ଠ ଦେୱାନୀ ବିଚାରପତି ସୁଶ୍ରୀ ସଙ୍ଗୀତା ପାତ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନିଲୋଫର, ଶ୍ରୁତି ସ୍ୱରୂପା ସାହୁ, ତାରିଣୀ ପ୍ରସାଦ ସାହୁ, ସଞ୍ଜୀବ ପଣ୍ଡା, ଜିଲା ଆଇନସେବା ପ୍ରାଧିକରଣର ସଦସ୍ୟ ପରମାନନ୍ଦ ମିଶ୍ର, ଡ. ମଞ୍ଜୁପ୍ରଭା ମହାପାତ୍ର, ଜିଲା ଆଇନ ସେବା ପ୍ରାଧିକରଣ ସମ୍ମୁଖ କାର୍ଯ୍ୟାଳୟର ରିଟେନର ବିପିନ ବିହାରୀ ସାହୁ, ଆଡଭୋକେଟ ଜିତେନ୍ଦ୍ର କୁମାର ବେହେରା ଓ ବିନୋଦ କୁମାର ସାମଲଙ୍କ ସହ ବିଦ୍ୟାଳୟ ଅଧ୍ୟକ୍ଷ ମେରୀ ରେଜିନା ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚାସୀନ ଅତିଥିମାନେ ସମ୍ବିଧାନରେ ଥିବା ନାଗରିକମାନଙ୍କ ବିଭିନ୍ନ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିବା ସହ ପିଲାମାନଙ୍କୁ ବିଭିନ୍ନ ଆଇନ ସମ୍ବନ୍ଧରେ ଅବଗତ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଜିଲା ଆଇନସେବା ପ୍ରାଧିକରଣର ସମ୍ପାଦିକା ଅଭିନନ୍ଦିତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ୫୦ ଘନଫୁଟ କାଠ ଜବତ



**ପରଜଙ୍ଗ, ୨୯।୧(ଡି.ଏନ.ଏ.):** ପରଜଙ୍ଗ ବ୍ଲକ ଜକା ଗ୍ରାମରୁ ବୁଧବାର ବନ ବିଭାଗ ଚଢ଼ାଉ କରି ୫୦ ଘନଫୁଟ ମୂଲ୍ୟବାନ କାଠ ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ରିତନ ସାହୁଙ୍କୁ ଗିରଫ କରାଯାଇଛି। ରିତେନ ଘରେ ଚୋରା କାଠ ରଖି ବ୍ୟବସାୟ କରୁଥିଲେ। କୌଣସି ସୂତ୍ରରୁ ସୂଚନା ପାଇ ମହାବିରୋଡ ରେଞ୍ଜର ସୁବ୍ରତ କୁମାର ବେହେରା, ଫରେଷ୍ଟର ବିଶ୍ୱନାଥ ସୋରେନ୍ ସଦଳବଳ ଚଢ଼ାଉ କରିଥିଲେ। ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଶିଶୁ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ

**ଢେଙ୍କାନାଳ ଅଫିସ, ୨୯।୧:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ମନ୍ଦାରସ୍ଥିତ ନାଳନ୍ଦା ଶିଶୁ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ପରିଚାଳନା କମିଟି ସଭାପତି ଲକ୍ଷ୍ମୀଧର ରଥଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଭୁବନ ମହିଳା କଲେଜ ଅଧକ୍ଷ ଦିଲୀପ ଦାସ, ସମ୍ମାନିତ ଅତିଥି ତହସିଲଦାର ସୁଶାନ୍ତ ମିଶ୍ର, ଶିକ୍ଷାବିତ୍ ରବିନାରାୟଣ ସୂତାର, ଅଧ୍ୟାପକ ସୁଦାମ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଅଜୟ କୁମାର ସାହୁ, ରୀନା ନନ୍ଦ, ଜୟଲକ୍ଷ୍ମୀ ଦାସ, ଲକ୍ଷ୍ମୀଧର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କ୍ଲଷ୍ଟରସ୍ତରୀୟ ମିନାମେଳା

**ରାସୋଳ, ୨୯।୧(ଡି.ଏନ.ଏ.):** ହିନ୍ଦୋଳ ବ୍ଲକ ବାଲିକିଆରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗଣେଶ୍ୱର କ୍ଲବ ଏବଂ ଆଇଏଲ୍‌ପି ୟୁଏସ୍‌ଏର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଏକଦିବସୀୟ କ୍ଲଷ୍ଟରସ୍ତରୀୟ ମିନାମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ନାୟକ, ସମ୍ମାନିତ ଅତିଥି କେନ୍ଦ୍ରୀୟ ସାଧନ କେନ୍ଦ୍ର ସଂଯୋଜକ ଆନନ୍ଦ କୁମାର ମାଝି, ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ସର ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୫ ସ୍କୁଲର ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମରୁତ କୁମାର ସାହୁ, କାହ୍ନୁଚରଣ ପାଳ, ଲିସା ପ୍ରଧାନ, ମୀନା ବିଶ୍ୱାଳଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ସୌମ୍ୟଶ୍ରୀ ସାହୁ, ରୁବି ବିଶ୍ୱାଳ, ମାଳବିକା ମିଶ୍ର ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### ଦୁଷ୍ମନ୍ତ, ଶିବାନୀ ଚାମ୍ପିୟନ



**ଢେଙ୍କାନାଳ ଅଫିସ, ୨୯।୧** ଢେଙ୍କାନାଳ ସଦର ବ୍ଲକ ନୂଆଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ଖେଳକୁଦ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବାଳକ ବିଭାଗରେ ଦୁଷ୍ମନ୍ତ ଭୂୟାଁ, ବାଳିକାରେ ଶିବାନୀ ନାୟକ ଚାମ୍ପିୟନ ହୋଇଛନ୍ତି। ସେହିପରି ଶ୍ରେଷ୍ଠ କୃତୀ ଛାତ୍ରୀ ଭାବେ ଲକ୍ଷ୍ମୀଶ୍ରୀ ଲୀଳାବତୀ ବ୍ରହ୍ମ ଏବଂ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ସୌମ୍ୟରଞ୍ଜନ ଭୂୟାଁଙ୍କୁ ପୁରସ୍କୃତ କରାଯାଇଛି। କମିଟି ସଭାପତି ଶ୍ରୀନିବାସ ଭୂୟାଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଦିବାକର ମଲ୍ଲିକ, ମୁଖ୍ୟବକ୍ତା ସୋଗରପଶି ସିଆର୍‌ସିସି ପ୍ରମୋଦ ବିଶ୍ୱାଳ ଏବଂ ସମ୍ମାନିତ ଅତିଥି ଭାବେ ଏବିଇଓ ଭଗବାନ ବେହେରା ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ବିପିନ ବିହାରୀ ମିଶ୍ର, ଶିକ୍ଷୟିତ୍ରୀ ଅନିତା ସ୍ୱାଇଁ, ଶ୍ରୀମତୀ ରାଉତ, ପବିତ୍ର ମୋହନ ବିଶ୍ୱାଳ, ରମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ସାଲାଇନ ନେବାବେଳେ ଛାତ୍ରଙ୍କ ମୃତ୍ୟୁ



ଘଟଣାସ୍ଥଳରେ ଉତ୍ତେଜନା।

- ଚିକିତ୍ସା ଅବହେଳା ଅଭିଯୋଗ
- ଘରୋଇ କ୍ଲିନିକ୍ ସିଲ୍, ଉତ୍ତେଜନା

**ଢେଙ୍କାନାଳ ଅଫିସ, ୨୯।୧**

ଢେଙ୍କାନାଳ ସହରସ୍ଥିତ ଗାନ୍ଧୀମନ୍ଦିର ରୋଡ୍ ନିକଟରେ ଥିବା ଏକ ଘରୋଇ କ୍ଲିନିକରେ ସାଲାଇନ ନେଉଥିବାବେଳେ ବୁଧବାର ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଅମୀର କୁମାର ଜେନା (୨୬)। ଚିକିତ୍ସାରେ ଅବହେଳା ଏବଂ ଭୁଲ ଇଞ୍ଜେକ୍ସନ ଦିଆଯିବା କାରଣରୁ ଅମୀରଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ଏହାକୁ ନେଇ ଦୀର୍ଘସମୟ ଯାଏ କ୍ଲିନିକ ସମ୍ମୁଖରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଟାଉନ ଥାନା ପୋଲିସ ପହଞ୍ଚି କ୍ଲିନିକ୍‌କୁ ସିଲ୍ କରିବା ସହ ତଦନ୍ତ ଆରମ୍ଭ କରିଛି।

ଅମୀରଙ୍କ ଘର ସଦର ଥାନା ଝାରଗାଡିଆ ଫାଣ୍ଡି ବଉଳପୁରପାଟଣା ଗ୍ରାମରେ। ସେ ଢେଙ୍କାନାଳ କଲେଜରୁ ଯୁକ୍ତ ୩ କମର୍ସ ପାସ୍ କରି କୁଞ୍ଜକାନ୍ତ ଅଞ୍ଚଳରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନରେ ବ୍ୟାଙ୍କ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ। ସେ ସାଙ୍ଗଙ୍କ ସହ ମେସ୍ କରି ରହୁଥିଲେ। ବୁଧବାର ସକାଳେ ହଠାତ୍ ଅମୀର ଅସୁସ୍ଥ ହୋଇପଡ଼ିଥିଲେ। ସହପାଠୀମାନେ ତାଙ୍କୁ ଗାନ୍ଧୀମନ୍ଦିର ରୋଡରେ ରହୁଥିବା ଜଣେ ବରିଷ୍ଠ ଭେଷଜ ଚିକିତ୍ସକଙ୍କ ନିକଟକୁ ନେଇଥିଲେ। ଡାକ୍ତର ଜଣକ ତାଙ୍କୁ 'ରୋବି-ଡି' ଇଞ୍ଜେକ୍ସନ ନେବାକୁ ପରାମର୍ଶ ଦେଇଥିଲେ। ତଦନୁଯାୟୀ ନିକଟରେ ଥିବା ଏକ ଔଷଧ ଦୋକାନରୁ ଉକ୍ତ ଇଞ୍ଜେକ୍ସନ ନେଇଥିଲେ। ଏହାପରେ ମେସ୍‌କୁ ଆସି ବିଶ୍ରାମ ନେଇଥିଲେ। ମଧ୍ୟାହ୍ନରେ ଅମୀର ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ପୁଣିଥରେ ସମ୍ପୃକ୍ତ ଡାକ୍ତରଙ୍କ ପାଖକୁ ନିଆଯାଇଥିଲା। ଡାକ୍ତର ତୁରନ୍ତ ତାଙ୍କୁ ଗାନ୍ଧୀମନ୍ଦିର ରୋଡସ୍ଥିତ ଉକ୍ତ ଘରୋଇ କ୍ଲିନିକକୁ ନେଇଯିବାକୁ କହିଥିଲେ। ତଦନୁଯାୟୀ ଅମୀର ଉକ୍ତ ଘରୋଇ କ୍ଲିନିକକୁ ଯାଇ ସେଠାରେ ସାଲାଇନ୍ ନେଉଥିବାବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିବା ପରିବାର ଲୋକେ କହିଛନ୍ତି।

ସୂଚନା ପାଇ ଟାଉନ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ, ଏସ୍‌ଆଇ ଚନ୍ଦ୍ରକାନ୍ତ ସେଠୀ ସଦଳବଳ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଏଥିସହ ଘରୋଇ କ୍ଲିନିକ୍‌କୁ ସିଲ୍ କରାଯାଇଛି। ଅଭିଯୁକ୍ତ ଡାକ୍ତରଙ୍କୁ ପଚରାଉଚୁରା କରାଯାଇଛି। ଏ ନେଇ ନଂ. ୫/୨୦୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି। ଏ ନେଇ ଡାକ୍ତର ଅଜିତ କୁମାର ତ୍ରିପାଠୀ କୁହନ୍ତି, ପରୀକ୍ଷାରୁ ଅମୀରଙ୍କ ଡାହାଣ ହାତର ରକ୍ତଚାପ ଅଧିକ ଥିବା ଜଣାପଡ଼ିଥିଲା। ଦୁଇ ହାତର ରକ୍ତଚାପ ସ୍ଥିର ରହୁ ନ ଥିବାରୁ ଏହା କାର୍ଡିଆକ୍ ସମସ୍ୟା ବୋଲି ଅନୁମାନ କରାଯାଇଥିଲା। ତାଙ୍କ କହିବା ଅନୁଯାୟୀ ଠିକ୍ ଇଞ୍ଜେକ୍ସନ ଦିଆଯାଇଥିଲା। ରକ୍ତଚାପ କମିଯିବାରୁ ଗୁରୁତର ଅବସ୍ଥାରେ ସେ ପୁଣି ଆସିଥିଲେ। ୭୫% ସାଲାଇନ ଦିଆଯିବା ପରେ ତାଙ୍କର ମୃତ୍ୟୁ ହୋଇଥିଲା। ତ୍ରୁଟିପୂର୍ଣ୍ଣ ଇଞ୍ଜେକ୍ସନ ଦିଆଯିବା ଅଭିଯୋଗକୁ ସେ ଅସ୍ୱୀକାର କରିଛନ୍ତି।

# ବନ୍ଦ ପ୍ରଭାବ ଆଂଶିକ




ଢେଙ୍କାନାଳରେ ବହୁଜନ କ୍ରାନ୍ତିମୋର୍ଚ୍ଚା ପକ୍ଷରୁ ଭାରତ ବନ୍ଦ ପାଳନ।

**ଢେଙ୍କାନାଳ ଅଫିସ/ କାମାକ୍ଷାନଗର/ ସାତମାଇଲ (ଡି.ଏନ.ଏ.), ୨୯।୧**

ଏନ୍‌ଆରସି, ସିଏଏ, ଏନ୍‌ପିଆର୍‌କୁ ବିରୋଧ କରି ବହୁଜନ କ୍ରାନ୍ତିମୋର୍ଚ୍ଚା ପକ୍ଷରୁ ବୁଧବାର ଦିଆଯାଇଥିଲା ଭାରତ ବନ୍ଦ ଡାକରା। ଏହାର ଆଂଶିକ ପ୍ରଭାବ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲାରେ। ସଙ୍ଗଠନର ସଦସ୍ୟମାନେ କୋରିଆଁ, କଣ୍ଟାନାଳୀ ଓ କଲେଜ ବାଇପାସ୍‌ରେ ୫୫ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ୱାମନ ମେଶ୍ରାଙ୍କ ଆହ୍ୱାନରେ ଏହି ବନ୍ଦ ଡାକରା ଦିଆଯାଇଥିଲା। ଜିଲା କାର୍ଯ୍ୟାଳୟରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ସମୀକ୍ଷା ବୈଠକ ଚାଲୁଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ। ତେବେ ସହରରେ ଜୀବନଯାତ୍ରା ସ୍ୱାଭାବିକ ଥିଲା।

କାମାକ୍ଷାନଗରରେ ଧର୍ମଘଟକୁ ସମର୍ଥନ ଜଣାଇ ଆନ୍ଦୋଳନକୁ ଓହ୍ଲାଇଥିଲା ଡ. ବି.ଆର. ଆମ୍ବେଦକର ମୂଳନିବାସୀ ଦଳିତ ସେବାସଂଘ। ବନ୍ଦ ଯୋଗୁ ଯାନବାହନ ଚଳାଚଳ, ସରକାରୀ, ବେସରକାରୀ କାର୍ଯ୍ୟାଳୟ, କୋର୍ଟ କଚେରି ଏବଂ ଶିକ୍ଷାନୁଷ୍ଠାନ ଆଦି ବନ୍ଦ ରହିଥିଲା। ସଂଘ ସଭାପତି ଭିକାରି ଚରଣ ନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବନ୍ଦପାଳନରେ ସାମିଲ ହୋଇଥିଲେ। ସେହିପରି ସାତମାଇଲ ଛକରେ ବହୁଜନ କ୍ରାନ୍ତିମୋର୍ଚ୍ଚାର କର୍ମକର୍ତ୍ତାମାନେ ୨ ଘଣ୍ଟା ଧରି ଶାନ୍ତିପୂର୍ଣ୍ଣ ଭାବେ ବନ୍ଦପାଳନ କରିଥିଲେ। ଏହାକୁ ନେଇ ପୂର୍ବାହ୍ନ ୮ଟାରୁ ୧୦ଟା ଯାଏ ପୁରୁଣା କଟକ-ସମ୍ବଲପୁର ରାସ୍ତାରେ ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା। ଏସ୍‌ଡିପିଓ ସୁଧାକର ଜେନାଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀମାନେ ଶାନ୍ତିଶୃଙ୍ଖଳା ରକ୍ଷାରେ ନିୟୋଜିତ ଥିଲେ।

# ରକ୍ତ ସଂଗ୍ରହରେ ଜିଏମ୍‌ଆର, ସିନର୍ଜି ପୁରସ୍କୃତ

**ଢେଙ୍କାନାଳ ଅଫିସ/ ଓଡ଼ାପଡ଼ା (ଡି.ଏନ.ଏ.), ୨୯।୧**



ଜିକେଇଏଲ୍‌କୁ ମନ୍ତ୍ରୀ ପୁରସ୍କାର ପ୍ରଦାନ କରୁଛନ୍ତି।

ରକ୍ତଦାନ ଶିବିର ଆୟୋଜନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାଧାରଣତନ୍ତ୍ର ଦିବସରେ ପୁରସ୍କୃତ ହୋଇଛି ଓଡ଼ାପଡ଼ା ବ୍ଲକ ଜିଏମ୍‌ଆର କମଳାଙ୍ଗ ଏନର୍ଜି ଲିମିଟେଡ୍ (ଜିକେଇଏଲ)। ଜିଲା ପରେଡରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କମ୍ପାନୀକୁ ପୁରସ୍କାର ପ୍ରଦାନ କରିଥିଲେ। ଜିଏମ୍‌ଆର ଭରଲକ୍ଷ୍ମୀ ଫାଉଣ୍ଡେଶନର ପ୍ରୋଗ୍ରାମ ଲିଡର ଦିଲୀପ କର ଏହି ପୁରସ୍କାର ଗ୍ରହଣ କରିଥିଲେ। ବିଧାୟକ ସୁଧୀର କୁମାର ସାମଲ, ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ଏସ୍‌ପି ଅନୁପମା ଜେମ୍‌ସ ପ୍ରମୁଖ ଉପସ୍ଥିତ ଥିଲେ। ଜିକେଇଏଲ୍ ଚିଫ୍ ଅପରେଟିଂ ଅଫିସର ରମେଶ ଆର. ପାଇ ଏହି ପୁରସ୍କାର ପାଇଁ ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଗାମୀ ଦିନରେ ଏହା ପ୍ରେରଣାଦାୟୀ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ୫ବର୍ଷ ଧରି ଜିକେଇଏଲ୍ ଏହି ପୁରସ୍କାର ପାଇ ଆସୁଛି।

ସେହିପରି ରକ୍ତ ସଂଗ୍ରହରେ ଉଲ୍ଲେଖନୀୟ ଅବଦାନ ପାଇଁ ସିନର୍ଜି ଶିକ୍ଷାନୁଷ୍ଠାନକୁ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ପୁରସ୍କୃତ କରାଯାଇଛି। ମୁଖ୍ୟଅତିଥି ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ପୁରସ୍କାର ପ୍ରଦାନ କରିଥିଲେ। ବରିଷ୍ଠ ନିରାପତ୍ତା ଅଧିକାରୀ ଅକ୍ଷୟ କୁମାର ଜେନା, ଅନୁଷ୍ଠାନର ରେଡକ୍ରସ ସଂସ୍ଥା ସଭ୍ୟ ଶାଶ୍ୱତ ସଚିନ ମିଶ୍ର, ସ୍ୱର୍ଣ୍ଣମୟୀ ଦାସ, ଅମ୍ବିକା ସେନ ପ୍ରମୁଖ ପୁରସ୍କାର ଗ୍ରହଣ କରିଥିଲେ। ୨୦୧୯ରେ କଲେଜରେ ଆୟୋଜିତ ରକ୍ତଦାନ ଶିବିରରେ ୧୭୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା, ଯାହା ଶିକ୍ଷାନୁଷ୍ଠାନ କ୍ଷେତ୍ରରେ ପ୍ରଥମ ବୋଲି ପ୍ରଶାସନିକ ଅଧିକାରୀ ଚନ୍ଦ୍ରକାନ୍ତ ମିଶ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

## ସେବା ପାଇଁ ସାଧୁବାଦ ଜଣାଇଲେ ଏମ୍‌ପି

**ତାଳଚେର, ୨୯।୧(ନି.ପ୍ର.)**

ଅକ୍ଷୟ ମହାନ୍ତି ସ୍ମୃତି ୱେଲଫେୟାର ସୋସାଇଟିରଅଷ୍ଟମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ବିଧାୟକ ବ୍ରଜକିଶୋର ପ୍ରଧାନ, ପୂର୍ବତନ ନଗରପାଳ ପବିତ୍ର ଭୂତିଆ ଯୋଗଦେଇ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାରେ ପ୍ରୟାସରତ ଥିବାରୁ ଅନୁଷ୍ଠାନକୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ କୌସ୍ତୁବ ଗ୍ରୁପ୍‌ର ଚେୟାରମ୍ୟାନ୍ ପ୍ରଭାତ ରଞ୍ଜନ ମଲ୍ଲିକ ଓ ଆର.ପି. ଫାଉଣ୍ଡେଶନର ରାଜ୍ୟ ଅଧକ୍ଷ ସନ୍ତୋଷ ମହାନ୍ତିଙ୍କୁ ଅକ୍ଷୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। କମିଟି ସାଧାରଣ ସମ୍ପାଦକ ଶିତୀକାନ୍ତ ବାରିକ, ସମ୍ପାଦକ ଜିତେନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। କୁନା ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ବରିଷ୍ଠ ବିଜେଡି ନେତା ତଥା ସାମାଜିକ କର୍ମୀ ବାନାମ୍ବର ଭୂତିଆ ଉତ୍ସବକୁ ଉଦ୍‌ଘାଟନ କରିଥିଲେ।

# ଲୋକାଭିମୁଖୀ କାର୍ଯ୍ୟ ଉପରେ ଗୁରୁତ୍ୱ



ବାର୍ଷିକ ଉତ୍ସବରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୨୯।୧**

ଢେଙ୍କାନାଳ ଜିଲା ବରିଷ୍ଠ ନାଗରିକ ପରିଷଦର ପ୍ରଥମ ବାର୍ଷିକ ଉତ୍ସବ ସ୍ଥାନୀୟ ବୋରାପଦାଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ସଭାପତି ତଥା ଅବସରପ୍ରାପ୍ତ ଜିଲାଜଜ୍ ଦୁର୍ଗାଚରଣ ମିଶ୍ର ଉଦ୍‌ଘାଟନ କରି ବରିଷ୍ଠ ନାଗରିକଙ୍କ ସୁରକ୍ଷା, ସହାୟତା, ଜନକଲ୍ୟାଣମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ପାଦକ ଅବସରପ୍ରାପ୍ତ ସର୍ବୋଚ୍ଚଯନ୍ତ୍ରୀ ଗୁଣନିଧି ମିଶ୍ର, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ପ୍ରଫେସର ନିତ୍ୟାନନ୍ଦ ମିଶ୍ର, ସାମାଜିକ କର୍ମୀ ପ୍ରଶାନ୍ତ ମିଶ୍ର, ପ୍ରଫେସର ହରେକୃଷ୍ଣ କର, ପରିଷଦର ଉପସଭାପତି ଯୋଗୀନାଥ ମହାନ୍ତି, ଶିକ୍ଷାବିତ୍ ଡ. ସୁସନ୍ଧ୍ୟା ମହାନ୍ତି, ଶଶାଙ୍କ ଶେଖର ରଥ, ପୂର୍ବତନ ଏସ୍‌ପି ଅକ୍ଷୟ ସାହୁ, ପୂର୍ବତନ କମାଣ୍ଡାଣ୍ଟ ଶରତ ସାହୁ, ପୂର୍ବତନ ଜିଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ମୋହିତ କୁମାର ଦାସ, କବିବାହାଦୁର ପାଟସାହାଣୀ ପ୍ରମୁଖ ସେମାନଙ୍କ ମତାମତ ରଖିଥିଲେ। ବିଭିନ୍ନ ବ୍ଲକର ପ୍ରତିନିଧି ଉପସ୍ଥିତ ରହି ନିଜ ନିଜର ସମସ୍ୟା ଉପସ୍ଥାପନ କରିଥିଲେ। ଅବସରପ୍ରାପ୍ତ ଅଧକ୍ଷ ଡ. ଧର୍ମାନନ୍ଦ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

# କଳାଙ୍ଗରେ ବାଲ୍ୟବିବାହ

**ଭାପୁର, ୨୯।୧(ଡି.ଏନ.ଏ.)**

- ଶିଶୁ ସୁରକ୍ଷା କମିଟି ସର୍ତ୍ତରେ ରାଜି ହେଲେ ଝିଅ
- ବାପଘରେ ରହିବେ ବିବାହିତା ନାବାଳିକା

ଢେଙ୍କାନାଳ ସଦର ବ୍ଲକ ଭାପୁର ପଞ୍ଚାୟତ ଅଧୀନ କଳାଙ୍ଗ ଗ୍ରାମରେ ବୁଧବାର ବାଲ୍ୟ ବିବାହ ହୋଇଥିବା ଅଭିଯୋଗ ହୋଇଛି। ହେଲେ ଜିଲା ଶିଶୁ ସୁରକ୍ଷା ସେଲ୍ ସଦସ୍ୟ ଏବଂ ପୋଲିସର ସର୍ତ୍ତ ଅନୁଯାୟୀ ବିବାହିତା କନ୍ୟା ସାବାଳିକା ହେବା ପର୍ଯ୍ୟନ୍ତ ବାପ ଘରେ ରହିବାକୁ ରାଜି ହୋଇଛନ୍ତି। ବାଲ୍ୟବିବାହର ଏପରି ନାଟକୀୟ ମୋଡ଼ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାଯୋଗ୍ୟ, କଳାଙ୍ଗ ଗ୍ରାମର ଜନୈକ ନାବାଳିକା (୧୭ବର୍ଷ ୯ ମାସ)ଙ୍କ ସହ ପରଜଙ୍ଗ ବ୍ଲକ ଚାନ୍ଦପୁର ଅଞ୍ଚଳର ଜଣେ ଯୁବକଙ୍କ ବିବାହ ସ୍ଥିର ହୋଇଥିଲା। ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ବୁଧବାର ବରଯାତ୍ରୀ ଦଳ ପଟୁଆରରେ ଆସି ଅପରାହ୍ନରେ କନ୍ୟା ଘରେ ପହଞ୍ଚିଥିଲା। ରୋଶଣିରେ ଗାଁ କମ୍ପୁଥିବାବେଳେ ପହଞ୍ଚିଥିଲେ ଶିଶୁ ସୁରକ୍ଷା ସେଲ୍‌ର ଅଧିକାରୀ ଏବଂ ପୋଲିସ। ଜନ୍ମ ପ୍ରମାଣପତ୍ର ଯାଞ୍ଚ କରିବା ସହ ଆଇନତଃ ସାବାଳିକା ହୋଇ ନ ଥିବାରୁ ବିବାହ ବନ୍ଦ କରିବାକୁ କହିଥିଲେ। ହେଲେ କନ୍ୟା ବେଶରେ ସଜେଇ ହୋଇଥିବା ନାବାଳିକା ଏହାକୁ ବିରୋଧ କରିଥିଲେ। ଏଥିସହ ବିବାହ ନ ହେଲେ ଆତ୍ମହତ୍ୟା କରିବାକୁ ଧମକ ଦେଇଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ବିବାହ ପାଇଁ ସର୍ତ୍ତ ରଖାଯାଇଥିଲା। ବିବାହ ପରେ ନାବାଳିକା ସାବାଳିକା ହେବା ଯାଏ ୩ମାସ ନିଜ ଘରେ ରହିବେ ବୋଲି ରାଜି ହେବା ପରେ ହାତଗଣ୍ଠି ପଡ଼ିଥିଲା। ବରଯାତ୍ରୀ ଭୋଜି ଖାଇ ଫେରିଥିବାବେଳେ ରାତି ୯ଟା ସୁଦ୍ଧା ବର ଫେରି ନ ଥିବା ଭାପୁର ଫାଣ୍ଡିଥାନାଧିକାରୀ ପ୍ରଶାନ୍ତ କୁମାର ପଢ଼ିଆରୀ କହିଛନ୍ତି।

# ତ୍ରିରଙ୍ଗା ଉଡ଼ାଇ ଗାଇଲେ ରାଷ୍ଟ୍ରଗାନ

**ଢେଙ୍କାନାଳ ଅଫିସ, ୨୯।୧**

ଢେଙ୍କାନାଳ ସହରସ୍ଥିତ ରାଇଜିଂ ଷ୍ଟାର କ୍ଲବର ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ସୂର୍ଯ୍ୟଶକ୍ତି ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ତ୍ରିରଙ୍ଗା ତଳେ ସମବେତ କଣ୍ଠରେ ରାଷ୍ଟ୍ରଗାନ ଗାଇଥିଲେ। ଏହି ଅବସରରେ ବଣିକ ସଂଘ ସଭାପତି ଶରତ ଚନ୍ଦ୍ର ପାଢ଼ୀ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଅତିଥି ଭାବେ ଗୋବିନ୍ଦଚନ୍ଦ୍ର ରାଉଳ, ଶ୍ରମିକ ନେତା ବିପ୍ରବର ସାହୁ, କ୍ଲବ ସଭାପତି ସନାତନ ରାଉଳ, ସମ୍ପାଦକ ଗୁରୁପଦ ବିଶ୍ୱାଳ, ଉପସଭାପତି ରଶ୍ମିରଞ୍ଜନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।




ଛାତ୍ରୀଛାତ୍ରମାନେ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରୁଛନ୍ତି।

# ରାଜଶ୍ରୀ ପୃଷ୍ଟି ଶ୍ରେଷ୍ଠ କ୍ରୀଡ଼ାବିତ୍



**ଭୁବନ, ୨୯।୧(ଡି.ଏନ.ଏ.)**

ଭୁବନ ମହିଳା କଲେଜର ୨୪ତମ ବାର୍ଷିକ କ୍ରୀଡ଼ା ମହୋତ୍ସବ ମଙ୍ଗଳବାର ସ୍ଥାନୀୟ ମିନିଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଦିଲୀପ କୁମାର ଦାସ, ସୁରେନ୍ଦ୍ର ପୋଥାଳ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନେ କରିଥିଲେ। କ୍ରୀଡ଼ା ଉତ୍ସବରେ ୧୧୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଦୌଡ଼, ଜାଭେଲିନ୍, ସଟ୍‌ପୁଟ, ଡିସ୍‌କସ୍ ଥ୍ରୋ ଆଦି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ ରାଜଶ୍ରୀ ପୃଷ୍ଟି ସମସ୍ତଙ୍କୁ ପଛରେ ପକାଇ ଶ୍ରେଷ୍ଠ କ୍ରୀଡ଼ାବିତ୍ ବିବେଚିତ ହୋଇଛନ୍ତି। କ୍ରୀଡ଼ା ଶିକ୍ଷୟିତ୍ରୀ ବାସନ୍ତୀ ବେହେରା, କ୍ରୀଡ଼ା ଶିକ୍ଷକ ଗଦାଧର ସାହୁ ଖେଳ ପରିଚାଳନା କରିଥିଲେ। ଅଧ୍ୟାପିକା ନମିତା ଦାସ, ପ୍ରଣତି ବେହେରା, ପ୍ରମିଳା ଦାସ, ଅଧ୍ୟାପକ ନିରଞ୍ଜନ ନାୟକ, କର୍ମଚାରୀ ବିଜୟ କୁମାର ପୃଷ୍ଟି, ସୁରେନ୍ଦ୍ର ଗୁରୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ପ୍ରାରମ୍ଭରେ କ୍ରୀଡ଼ାବିତ୍‌ମାନେ ମଶାଲ ଶୋଭାଯାତ୍ରାରେ ନଗର ପରିକ୍ରମା କରିଥିଲେ। ଖେଳୁଆଡ଼ ମନୋଭାବ ପ୍ରଦର୍ଶନ ପୂର୍ବକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଶପଥ ନେଇଥିଲେ।

## ସାମାଜିକ କର୍ମୀଙ୍କ ପରଲୋକ

**ଭୁବନ, ୨୯।୧(ଡି.ଏନ.ଏ.)**

ଭୁବନ ଏନ୍‌ଏସି ଅଧୀନ ୭ନଂ. ୱାର୍ଡର ବିଶ୍ୱନାଥ ଅଗ୍ରୱାଲ (୬୮)ଙ୍କ ମଙ୍ଗଳବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ଅଞ୍ଚଳର ଜଣେ ଜଣାଶୁଣା ସାମାଜିକ କର୍ମୀ ଭାବେ ବିଶ୍ୱନାଥଙ୍କ ସୁନାମ ରହିଥିଲା। ସେ ଦୀର୍ଘଦିନ ଧରି ବଡ଼ହାଟ ଲକ୍ଷ୍ମୀପୂଜା କମିଟି ଏବଂ ଗୁଜୁରୀହାଟ ବଣିକ ସଂଘର ସଭାପତି ପଦବୀରେ ରହି ଦାୟିତ୍ୱ ତୁଲାଇ ଆସିଥିଲେ। ତାଙ୍କ ଉଦ୍ୟମରେ କାଳୀବଜାର ବଣିକ ସଂଘ ପ୍ରତିଷ୍ଠା ହୋଇଥିଲା। ତାଙ୍କ ବିୟୋଗରେ ଦୋକାନବଜାର ବନ୍ଦ ରଖାଯାଇଥିଲା। ଏଥିସହ ବଡ଼ହାଟ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଶୋକସଭା ଆୟୋଜନ କରାଯାଇଥିଲା। ବୁଧବାର ମରଶରୀରକୁ ଶୋଭାଯାତ୍ରାରେ ନଗର ପରିକ୍ରମା କରିବା ପରେ ରଗଡ଼ି ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ୧୫ଦିନରେ ଘରକାମ ସାରିବାକୁ ନିଷ୍ପତ୍ତି

**କାମାକ୍ଷାନଗର, ୨୯।୧(ଡି.ଏନ.ଏ.)**

ହିତାଧିକାରୀଙ୍କ ଅବହେଳା ପାଇଁ କାମାକ୍ଷାନଗର ବ୍ଲକରେ ଗ୍ରାମୀଣ ଆବାସ ଯୋଜନା କାର୍ଯ୍ୟ ଧିମେଇଛି। ବାରମ୍ବାର ନୋଟିସ ସତ୍ତ୍ୱେ ଏହାକୁ ହେୟଜ୍ଞାନ କରି ଚାଲିଥିଲେ ହିତାଧିକାରୀ। ଏହାର ପ୍ରତିବାଦରେ ପ୍ରଶାସକ ଏବଂ ଜନପ୍ରତିନିଧିମାନେ ଗତ ମଙ୍ଗଳବାର ତୁମୁସିଙ୍ଗା ଗ୍ରାମରେ ସମ୍ପୃକ୍ତ ହିତାଧିକାରୀଙ୍କ ଅସମ୍ପୂର୍ଣ୍ଣ ଘର ଆଗରେ ପ୍ରତୀକାତ୍ମକ ଧାରଣା ଦେଇଥିଲେ। ଗ୍ରାମ ସଭାପତି ସଲିଳ କୁମାର ନାୟକ ଏଥିରେ ହସ୍ତକ୍ଷେପ କରିବା ସହ ତୁରନ୍ତ ଘର କାମ ଆରମ୍ଭ କରିବାକୁ ସମସ୍ତ ହିତାଧିକାରୀଙ୍କଠାରୁ ଲିଖିତ ପ୍ରତିଶ୍ରୁତି ଆଣିଥିଲେ। ବାରୁଆଁ (କା) ପଞ୍ଚାୟତରେ ଯେପରି ଏହାର ପୁନରାବୃତ୍ତି ନ ହୁଏ ସେଥିଲାଗି ପଞ୍ଚାୟତ ପ୍ରତିନିଧିଙ୍କ ତରଫରୁ ତତ୍ପରତା ପ୍ରକାଶ ପାଇଛି। ସରପଞ୍ଚ ମମତା ମାହୁନ୍ତ, ସମିତିସଭ୍ୟ ଦୀପକ ମାହୁନ୍ତ ପଞ୍ଚାୟତର ୧୭ ଜଣ ଖିଲାପୀ ହିତାଧିକାରୀଙ୍କୁ ଏକାଠି କରି ୧୫ଦିନ ମଧ୍ୟରେ ଘର କାମ ଶେଷ କରିବାକୁ ନିଷ୍ପତ୍ତି ନେଇଛନ୍ତି।



ହିତାଧିକାରୀଙ୍କୁ ଭେଟି ସଚେତନ କରାଯାଉଛି।

- ପ୍ରଶାସକଙ୍କ ପ୍ରତୀକାତ୍ମକ ଧାରଣାର ପ୍ରଭାବ
- ଅଣ୍ଟାଭିଡ଼ିଲେ ବାରୁଆଁ (କା) ପଞ୍ଚାୟତ ପ୍ରତିନିଧି
- ଆବଶ୍ୟକ ସହାୟତା କରିବାକୁ ଦେଲେ ପ୍ରତିଶ୍ରୁତି

ସରପଞ୍ଚ ଏବଂ ସମିତିସଭ୍ୟ ପିଇଓ ମାଧବ ପ୍ରଧାନ, ଗୋବର୍ଦ୍ଧନ ସାହୁ, ଅର୍ଜୁନ ରାଉଳ ବୁଧବାର ଗ୍ରାମକୁ ଡକାଇ ଏ ନେଇ ଆଲୋଚନା କରିଛନ୍ତି। ହିତାଧିକାରୀଙ୍କ ଘରକୁ ଯାଇ ଗୃହ ନିର୍ମାଣରେ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ସମିତିସଭ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି କୋଟଗରା, ରାୟନୃସିଂହପୁର ସରପଞ୍ଚ ମଧ୍ୟ ଅସମ୍ପୂର୍ଣ୍ଣ ଘର ନିର୍ମାଣ କରିବାକୁ ଅନୁରୂପ ପଦକ୍ଷେପ ନେଇଥିବା ଜଣାପଡ଼ିଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ଗୁରୁବାର, ଜାନୁୟାରୀ ୩୦ /୨୦୨୦, Dhenkanal, Thursday, January 30 / 2020

## ସଂକ୍ଷେପରେ

### ଧାନ କାଟ୍ ନେଇ ମଣ୍ଡିରେ ଉତ୍ତେଜନା

**ହିନ୍ଦୋଳ, ୨୯।୧(ଡି.ଏନ.ଏ.):** ହିନ୍ଦୋଳ ବ୍ଲକ ବାଉଁଶପୋଖରୀ ସମବାୟ ସମିତିରେ ଖୋଲିଥିବା ଧାନମଣ୍ଡିରେ ବ୍ୟାପକ ଅନିୟମିତତା ହେଉଛି। ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୫ରୁ ୬ କେଜି ଧାନ କାଟ୍ କରାଯାଉଛି। ଏପରି କି ବସ୍ତା ବାବଦ ଟଙ୍କା ପ୍ରଦାନ କରାଯାଉନାହିଁ। ଏ ନେଇ ବୁଧବାର ଉପଜିଲାପାଳଙ୍କୁ ଭେଟି ଫେରାଦ ହୋଇଛନ୍ତି ଚାଷୀ। ବରଡ଼ାପାଳ ଗ୍ରାମର ପ୍ରକାଶ ପ୍ରଧାନ ଅଭିଯୋଗ କରିଛନ୍ତି, ସେ ଗତ ସୋମବାର ମଣ୍ଡିରେ ୩୦ କୁଇଣ୍ଟାଲ ଧାନ ଦେଇଥିଲେ। ତାଙ୍କଠାରୁ ବସ୍ତା ପିଛା ୫ କେଜି ଲେଖାଏ ଧାନ କାଟ କରାଯାଇଥିଲା। ସେ ଏହାର ପ୍ରତିବାଦ କରିଥିଲେ ମଧ୍ୟ କେହି ତାଙ୍କ କଥା ଶୁଣି ନ ଥିଲେ। ସେହିପରି ମଙ୍ଗଳବାର ବରଡ଼ାପାଳ ଗ୍ରାମର ସୁମନା ପ୍ରଧାନ ୩୫ କୁଇଣ୍ଟାଲ ଧାନ ଦେଇଥିଲେ। ତାଙ୍କଠାରୁ ୨ କୁଇଣ୍ଟାଲ ଧାନ କାଟି ୩୩ କୁଇଣ୍ଟାଲର ହିସାବ ଦିଆଯାଇଥିଲା। ସୁମନା ଏହାର ପ୍ରତିବାଦ କରିବାରୁ ମିଲରଙ୍କ ଦ୍ୱାରା ନିୟୋଜିତ କର୍ମଚାରୀ ଏବଂ ସମିତିର ସମ୍ପାଦକ ତାଙ୍କୁ ଧମକଚମକ ଦେଇଥିବା ସେ କହିଛନ୍ତି। ଉଭୟ ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ଉଭୟ ଚାଷୀ ଦାବି କରିଛନ୍ତି। ଅନ୍ୟପଟେ ଉପଜିଲାପାଳ ଉଦୟନାଥ ମହାପାତ୍ର ଅଭିଯୋଗର ତଦନ୍ତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

### ସେମିରେ ଢେଙ୍କାନାଳ

**ଭୁବନ, ୨୯।୧(ଡି.ଏନ.ଏ.)** ଭୁବନ ବ୍ଲକ କିଙ୍ଗୋଳ-ଅସୁରବନ୍ଧ ଖେଳପଡ଼ିଆରେ ଚାଲିଥିବା ଅଭିମନ୍ୟୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଖେଳାଯାଇଥିବା ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ପ୍ରଶାନ୍ତି କ୍ରିକେଟ କ୍ଲବ୍‌କୁ ହରାଇ ଢେଙ୍କାନାଳ ସେମିରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ପ୍ରଶାନ୍ତି କ୍ରିକେଟ୍ କ୍ଲବ ୧୯.୩ ଓଭରରେ ୧୫୯ ରନ୍ ସଂଗ୍ରହ କରିଥିଲା। ଜଗନ୍ନାଥ ଦାସ ସର୍ବାଧିକ ୪୨ ରନ୍ କରିଥିଲେ। ଜବାବରେ ଢେଙ୍କାନାଳ ୧୧.୧ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ୧୬୨ ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲା। ସୁନୀଲ ସାହୁ ୨୧ ବଲ୍‌ରୁ ଧୂଆଁଧାର ୭୨ ରନ୍ କରିଥିଲେ। ତାଙ୍କୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ପୁରସ୍କାର ପ୍ରଦାନ କରାଯାଇଥିଲା। ବୁଲୁ ପଟ୍ଟନାୟକ, ବିପିନ ବିହାରୀ ସେଠୀ ମ୍ୟାଚ୍ ପରିଚାଳନା କରିଥିବାବେଳେ ସର୍ବେଶ୍ୱର ରାଉତ, ସୋମନାଥ ପରିଡ଼ା ଧାରା ବିବରଣୀ ପ୍ରଦାନ କରିଥିଲେ। ଗୁରୁବାର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ କାମାକ୍ଷାନଗର ଏବଂ ଧବଳଗିରି ଦଳ ମଧ୍ୟରେ ଖେଳାଯିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ନିୟମିତ ତଦାରଖ ହେବ ସରକାରୀ ଯୋଜନା

## ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ସମୀକ୍ଷା

**ଢେଙ୍କାନାଳ ଅଫିସ, ୨୯।୧**



ସମୀକ୍ଷା ବୈଠକରେ ଆର୍‌ଡିସି, ଜିଲାପାଳଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ବୁଧବାର '୫-ଟି', ମୋ ସରକାର କାର୍ଯ୍ୟକ୍ରମ ସମେତ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ଉତ୍ତରାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି) ନିରଞ୍ଜନ ସାହୁ। ଏହି ଅବସରରେ ସେ ଅଧିକାରୀଙ୍କ ଉଦ୍ଦେଶ୍ୟରେ କହିଲେ, ସରକାରୀ ଯୋଜନାଗୁଡ଼ିକର ନିୟମିତ ତଦାରଖ କରାଯିବ। ଜନସାଧାରଣ ସଚେତନ ହେଲେ କାର୍ଯ୍ୟକ୍ରମ ଅଧିକ ଫଳପ୍ରସୂ ହୋଇପାରିବ। ଏଥିଲାଗି ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଯତ୍ନବାନ ହେବାକୁ ଆର୍‌ଡିସି ପରାମର୍ଶ ଦେଇଛନ୍ତି।

ରାଜ୍ୟର ୬ ସହରକୁ ଆଦର୍ଶ ସହରରେ ପରିଣତ କରାଯିବାକୁ ପ୍ରସ୍ତାବ ରହିଛି। ଏଥିରେ ଢେଙ୍କାନାଳର ନାମ ମଧ୍ୟ ରହିଛି। ଚଳିତ ଧାନସଂଗ୍ରହ ଋତୁରେ ଜିଲାର ଚାଷୀଙ୍କଠାରୁ ୫୩% ଧାନ ସଂଗ୍ରହ କରାଯାଇଥିବା ସୂଚନା ଦିଆଯାଇଥିଲା। ଏଥିସହ ଚାଷୀଙ୍କ ହିତ ଦୃଷ୍ଟିରୁ ଜଳସେଚନ ପାଇଁ ପ୍ରସ୍ତାବ ଦେବା, ଖରାଦିନ ପୂର୍ବରୁ ଅଚଳ ନଳକୂପଗୁଡିକର ମରାମତି, ହାତୀ ଉପଦ୍ରୁତ ଅଞ୍ଚଳରେ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ପ୍ରଦାନ, ହାତୀ ଉପଦ୍ରବ ରୋକିବା, ଲୋକନୃତ୍ୟ ମାଧ୍ୟମରେ ଜନସଚେତନତା ସୃଷ୍ଟି, ସ୍ୱାସ୍ଥ୍ୟ ବିଭାଗରେ ଲାଗି ରହିଥିବା ସମସ୍ୟାର ସମାଧାନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ଧାର୍ଯ୍ୟ ସମୟରେ ସାରିବା, ରାଜସ୍ୱ ସଂଗ୍ରହରେ ଯତ୍ନବାନ ହେବା, ଦୀର୍ଘଦିନ ଧରି ପଡ଼ି ରହିଥିବା ରାଜସ୍ୱ ମାମଲାଗୁଡ଼ିକର ଫଇସଲା କରିବାକୁ ଆର୍‌ଡିସି ଗୁରୁତ୍ୱାରୋପ କରିଥିଲେ।

ଜିଲାରେ ପ୍ରଥମକରି ୧୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏ ନେଇ ୨ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା।

ଚଳିତ ଆର୍ଥିକ ବର୍ଷରେ ଗ୍ରାମୀଣ ଆବାସ ଯୋଜନାରେ ୧୭,୭୫୭ ଗୃହ ନିର୍ମାଣ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେଥିରୁ ଏବେ ସୁଦ୍ଧା ୯୭୪୭ଟିର କାମ ସମ୍ପୂର୍ଣ୍ଣ ହୋଇଥିବା ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା କହିଥିଲେ। ୫-ଟି, ମୋ ସରକାର ଅନ୍ତର୍ଗତ କାର୍ଯ୍ୟଗୁଡ଼ିକୁ ସଫଳତାର ସହ ସମାପନ କରିବା ଦିଗରେ ଯତ୍ନବାନ ହେବାକୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

ବୈଠକରେ ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ଢେଙ୍କାନାଳ ଉପଜିଲାପାଳ ସାଫଲ୍ୟମଣ୍ଡିତ ପ୍ରଧାନ, କାମାକ୍ଷାନଗର ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ହିନ୍ଦୋଳ ଉପଜିଲାପାଳ ଉଦୟନାଥ ମହାପାତ୍ରଙ୍କ ସମେତ ଜିଲାର ପଦସ୍ଥ ଅଧିକାରୀ, ବିଡିଓ, ତହସିଲଦାରମାନେ ଉପସ୍ଥିତ ଥିଲେ। ଅପରାହ୍ନରେ କମିଶନର ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ଭିତ୍ତିଭୂମି ପରଖିଥିଲେ।

## 'ମାର୍ଚ୍ଚ ୫ ସୁଦ୍ଧା ମୋ ସରକାରରେ ସାମିଲ ହେବ ଅବଶିଷ୍ଟ ବିଭାଗ'

ଢେଙ୍କାନାଳ ଗସ୍ତରେ ଆସିଥିବା ଉତ୍ତରାଞ୍ଚଳ ଆର୍‌ଡିସି ନିରଞ୍ଜନ ସାହୁ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଅଧିକାଂଶ ବିଭାଗ ମୋ ସରକାରରେ ଅନ୍ତର୍ଭୁକ୍ତ ହୋଇସାରିଛି। ଅବଶିଷ୍ଟ ବିଭାଗ ମାର୍ଚ୍ଚ ୫ ସୁଦ୍ଧା ଏଥିରେ ସାମିଲ ହେବ। ଲୋକଙ୍କ ଚାହିଦା ଏବଂ ଆଶାକୁ ନଜରରେ ରଖି କାମ କରିବାକୁ ଅଧିକାରୀଙ୍କୁ ସଚେତନ କରାଯାଇଛି। ସମୟ ଅନୁଯାୟୀ କାର୍ଯ୍ୟ ଶେଷ କରିବାକୁ ପରାମର୍ଶ ଦିଆଯାଇଛି। ଜିଲାସ୍ତରରୁ ପ୍ରସ୍ତାବ ଆସିଲେ ଆର୍‌ପିଡିଏସି ବୈଠକ ପାଇଁ ତାରିଖ ନିର୍ଦ୍ଧାରିତ ହେବ। ଅନୁଗୋଳ ଜିଲା ପାଇଁ ପ୍ରସ୍ତାବ ଆସିବା ପରେ ନିକଟରେ ଆର୍‌ପିଡିଏସି ବୈଠକ ତାରିଖ ସ୍ଥିର କରାଯାଇଥିବା ଆର୍‌ଡିସି ସୂଚନା ଦେଇଛନ୍ତି।

ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଆହୁରି ମଧ୍ୟ କହିଲେ, ଢେଙ୍କାନାଳ ଜିଲାରେ ଉଲ୍ଲେଖନୀୟ କାର୍ଯ୍ୟ ହୋଇଛି। ଜିଲାପାଳଙ୍କ ସମେତ ଜିଲାର ସମସ୍ତ ଅଫିସର ଦଳଗତ ମନୋଭାବ ନେଇ କାର୍ଯ୍ୟ କରୁଛନ୍ତି। ବେଆଇନ ପଥର ଖାଦାନ ଉପରେ ହେଉଥିବା ଚଢ଼ାଉ ପ୍ରଶ୍ନରେ ସେ କହିଲେ, ଚଳିତବର୍ଷ ଗତବର୍ଷଠାରୁ ଅଧିକ ଚଢ଼ାଉ ହୋଇଛି। ଏହା ଜାରି ରହିଲେ ଏହାର ପ୍ରଭାବ ଲୋକଙ୍କ ଉପରେ ପଡ଼ିବ। ବ୍ୟକ୍ତିଗତ ଚୋରି ଏବଂ ସାମାଜିକସ୍ତରରେ ଚୋରି ସମାନ କଥା। ଓଏମ୍‌ସି ଆକ୍ଟ କ୍ରିମିନାଲ ଆକ୍ଟ ଭଳି ନୁହେଁ। ଧରାପଡୁଥିବା ଅଭିଯୁକ୍ତଙ୍କଠାରୁ ସରକାରୀ ନିୟମ ଅନୁଯାୟୀ ଜରିମାନା ଆଦାୟ କରାଯାଉଛି। ପୋଲିସ ପକ୍ଷରୁ ମଧ୍ୟ ସାହାଯ୍ୟ ମିଳୁଛି ବୋଲି ସୂଚନା ଦେଇଛନ୍ତି।

# ମଠରଗଡ଼ିରେ ୫୦ ହାତୀ

**ଢେଙ୍କାନାଳ ଅଫିସ, ୨୯।୧**


ହାତୀପଲ ୫୫ନଂ ଜାତୀୟ ରାଜପଥ ପାର ହେଉଛନ୍ତି।

ଢେଙ୍କାନାଳ ସଦର ରେଞ୍ଜ୍ ଗଦାଶିଳା ଫରେଷ୍ଟ ସେକ୍ସନ ଅଧୀନ ମଠରଗଡ଼ି ସଂରକ୍ଷିତ ଜଙ୍ଗଲରେ ବୁଧବାର ୨ଟି ପଲରେ ୫୦ରୁ ଊର୍ଦ୍ଧ୍ୱ ହାତୀ ଉପଦ୍ରବ ସୃଷ୍ଟି କରିଛନ୍ତି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। କାମାକ୍ଷାନଗର ପଟୁ ବ୍ରାହ୍ମଣୀ ନଦୀ ଏବଂ ରେଳଧାରଣା ପାରହୋଇ ଉକ୍ତ ହାତୀପଲ ମଠରଗଡ଼ି ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଥିଲେ। ଏହାପରେ ରସାସିଂହ, ଗୁଣ୍ଡୁଦେଇ, ଗଇଲୋ, କାଉଁରିଆପାଳ ବ୍ରିଜ୍ ଆଖପାଖ ଅଞ୍ଚଳରେ ପଶି ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ଏକ ପଲରେ ୬ ଦନ୍ତା, ୧୪ ମାଈ ଏବଂ ୬ ଛୁଆହାତୀ ସକାଳ ୭ଟାରେ ୫୫ନଂ. ଜାତୀୟ ରାଜପଥ ପାର ହୋଇଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ସେହିପରି ଗୁଣ୍ଡୁଦେଇ-ଗଇଲୋ ରାସ୍ତାରେ ୨୭ ହାତୀ ପାର ହେଉଥିବା ଦେଖି ଗ୍ରାମବାସୀ ଭୟଭୀତ ହୋଇପଡ଼ିଥିଲେ। ଗଦାଶିଳା ଫରେଷ୍ଟ ସେକ୍ସନ ଅଧିକାରୀ, କର୍ମଚାରୀ, ହାତୀ ସ୍କ୍ୱାଡ୍ ସଦସ୍ୟ ହାତୀପଲ ଗତିବିଧି ଉପରେ ନଜର ରଖିଛନ୍ତି।

# ଭୁବନକୁ ହରାଇ ଫାଇନାଲରେ ସୋଲାର

**କାମାକ୍ଷାନଗର, ୨୯।୧(ଡି.ଏନ.ଏ.)**



ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ହଳଦୀକୁଣ୍ଡି ଗ୍ରାମ ଖେଳପଡ଼ିଆରେ ଚାଲିଥିବା ୮ମ ରାଜ୍ୟସ୍ତରୀୟ ହଳଦୀକୁଣ୍ଡି କପ୍ କ୍ରିକେଟ ମ୍ୟାଚର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଭୁବନ ବିବିସିକୁ ୭୭ରନ୍‌ରେ ହରାଇ କଟକ ସୋଲାର ଫାଇନାଲରେ ପ୍ରବେଶ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କଟକ ନିର୍ଦ୍ଧାରିତ ୨୫ ଓଭରରେ ୫ ଉଇକେଟ ହରାଇ ୨୩୦ ରନ ସଂଗ୍ରହ କରିଥିଲା। ଜବାବରେ ବିବିସି ୨୪ ଓଭରରେ ୧୫୩ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବିଜୟୀ ଦଳର ପ୍ରତୀକ ଅନୁରାଗ ଦାସ 'ମ୍ୟାନ ଅଫ ଦି ମ୍ୟାଚ' ବିବେଚିତ ହୋଇଥିଲେ। ସାମାଜିକ କର୍ମୀ ରବିନାରାୟଣ ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ। ଶୁକଦେବ ମହନ୍ତ, ପପୁନି ସାହୁ କ୍ରୀଡ଼ା ପରିଚାଳନା କରିଥିଲେ। ମାନସ ସାହୁ, ଅଭୟ ବେହେରା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଜାତୀୟ ଘୋଷକ ବିପିନି ବିହାରୀ ସାହୁ ଧାରାବିବରଣୀ ଦେଇଥିଲେ। ଗୁରୁବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ପାରାଦୀପ ଏବଂ ଭୁବନେଶ୍ୱର ମଧ୍ୟରେ ଖେଳାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।




## ବିଶ୍ୱଶାନ୍ତି ମହାଯଜ୍ଞ

**ଢେଙ୍କାନାଳ ଅଫିସ, ୨୯।୧**

ଗଁଦିଆ ବ୍ଲକ କରମୂଳସ୍ଥିତ ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠରେ ଦୁଇଦିନିଆ ବିଶ୍ୱଶାନ୍ତି ମହାଯଜ୍ଞ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମଣୀ ନଦୀ ତଟରେ ଥିବା ଦୌଡେଶ୍ୱର ଶୈବପୀଠରୁ କଳସ ଶୋଭାଯାତ୍ରାରେ ଜଳ ଅଣାଯାଇଥିଲା। କରମୂଳ, ଆମ୍ବପଡ଼ା ଗ୍ରାମ ପରିକ୍ରମା ପରେ ଜଳପୂର୍ଣ୍ଣ କଳସ ଯଜ୍ଞବେଦିରେ ସ୍ଥାପନ କରାଯାଇଥିଲା। ନୀତି ଅନୁଯାୟୀ ସୂର୍ଯ୍ୟପୂଜା, ଗୋପୂଜା, ଷୋଡ଼ଶ ଉପଚାର ପୂଜା, ରୁଦ୍ରଯଜ୍ଞ, ଚଣ୍ଡୀପାଠ ହୋଇଥିଲା। ପଣ୍ଡିତ ରାଜକିଶୋର, ଶ୍ରୀକାନ୍ତ ପଣ୍ଡା, ଅର୍ଜୁନ ପଣ୍ଡା, ପ୍ରକାଶ ପାଣିଗ୍ରାହୀ, ଅଜୟ ପାଣିଗ୍ରାହୀ, ପ୍ରକାଶ ଦାଶ ପ୍ରମୁଖ ପୂଜା କାର୍ଯ୍ୟ ତୁଲାଇଥିଲେ। ପ୍ରଦ୍ୟୁମ୍ନ ପଣ୍ଡା କର୍ତ୍ତା ରହିଥିଲେ। କମଳ ପଣ୍ଡା, ପ୍ରଶାନ୍ତ ପଣ୍ଡା, ଜିତେନ୍ଦ୍ର ଦାଶ, ରାଜକିଶୋର ପୃଷ୍ଟି ପ୍ରମୁଖ ଏଥିରେ ସହଯୋଗ କରିଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ